

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:148✦22 September 2026 (Tuesday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୧୪୮ ✦୨୨ ସେପ୍ଟେମ୍ବର ୨୦୨୬ (ମଙ୍ଗଳବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

# ବାତ୍ୟା ନୁହେଁ ହେବ ବଡ଼ ବର୍ଷା, ୧୧ ଜିଲ୍ଲା ଉପରେ ପଡିବ ପ୍ରଭାବ



ଭୁବନେଶ୍ୱର, ୨୧।୯(ନି/ପ୍ର): ବାତ୍ୟା ନୁହେଁ ଗଭୀର ଅବପାତ ରୂପ ନେବ ବଙ୍ଗୋପସାଗର ଲଘୁଚାପ । ଏହାର ପ୍ରଭାବରେ ବଡ ବର୍ଷା ହେବ। ୧୧ ଜିଲ୍ଲା ଉପରେ ପଡିବ ପ୍ରଭାବ। ଆସନ୍ତା କାଲି ଠୁ ବର୍ଷା ଆରମ୍ଭ ହେବ। ୨୩ ଏବଂ ୨୪ ରେ ପ୍ରବଳ ବର୍ଷା ହେବ। ଉପକୂଳ ଏବଂ ଦକ୍ଷିଣ ଓଡ଼ିଶା ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି ବୋଲି ମୁଖ୍ୟ ଶାସନ ସଚିବ ବୋଲି ଅନୁ ଗର୍ଗ କହିଛନ୍ତି। ଡ୍ୟାମ ଗୁଡିକରେ କ୍ଷମତା ସମୀକ୍ଷା କରି ଇନ୍ଦ୍ରାବତୀରେ ଏବଂ ତେଲିଙ୍ଗିରି ଡ୍ୟାମରେ ପାଣି କମାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ବାଲିମେଳା, କୋଲାବରେ ଏତେ ପାଣି ନାହିଁ । ସବୁ ଜିଲ୍ଲାରେ କଣ୍ଟ୍ରୋଲ ରୁମ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏସଆରସି ଅଫିସରେ ଆଜିଠୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ପରିଚାଳନା ଆରମ୍ଭ ହୋଇଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ପାଣି ଜମୁଥିବା ଜାଗା ଗୁଡିକରେ ମେସିନ ପ୍ରସ୍ତୁତ କରି ରଖିବାକୁ ପରାମର୍ଶ ଦିଆଯାଇଛି। ଗର୍ଭବତୀ ମହିଳାମାନଙ୍କୁ ସ୍ଥାନାନ୍ତରିତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା, ବନ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଆଜିଠାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ମନା କରାଯାଇଛି। ମୁଖ୍ୟ ଶାସନ ସଚିବଙ୍କ ସମ୍ଭାବ୍ୟ ବାତ୍ୟାକୁ ନେଇ ସମୀକ୍ଷା କରିଛନ୍ତି। ଏହି ବୈଠକରେ ଏସଆରସି, ଆଂଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା, ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ଅଗ୍ନିଶମ ଡିଜି, ଆଇନଶୃଙ୍ଖଳା ଏଡିଜି ଉପସ୍ଥିତ ଥିଲେ। ବିନା କାରଣରେ ଘରୁ ବାହାରକୁ ନବାହାରିବା ସହ ଘଡ଼ଘଡ଼ି ସମୟରେ ନିରାପଦ ସ୍ଥାନରେ ରହିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି । ବିଶେଷକରି ବର୍ଷା ଓ ବଜ୍ରପାତ ସମୟରେ ଅତ୍ୟାବଶ୍ୟକ କାମ ନଥିଲେ ବାହାରକୁ ନଯିବାକୁ କୁହାଯାଇଛି । ଜିଲ୍ଲା ପ୍ରଶାସନ ସହ ତହସିଲ, ବ୍ଲକ, ବିଦ୍ୟୁତ ବିଭାଗ ଓ ଅଗ୍ନିଶମ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ସଜାଗ କରାଯାଇଛି । ଯେକୌଣସି ଆପତ୍‌କାଳୀନ ପରିସ୍ଥିତିରେ ତୁରନ୍ତ ସେବା ଯୋଗାଇବା ଓ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗଗୁଡ଼ିକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି । ପରିସ୍ଥିତିକୁ ଦେଖି ଆବଶ୍ୟକ ପଡ଼ିଲେ ଜିଲ୍ଲାର ସ୍କୁଲ ଓ କଲେଜଗୁଡ଼ିକୁ ଛୁଟି ଘୋଷଣା କରାଯାଇପାରେ । ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ପାଣିପାଗର ସ୍ଥିତି ଅନୁଧ୍ୟାନ ପରେ ଏନେଇ ନିଷ୍ପତ୍ତି ନିଆଯିବ। ଏଥିସହ ଜିଲ୍ଲାର ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀକୁ ସଜାଗ ଓ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଆବଶ୍ୟକ ପଡ଼ିଲେ ଲୋକଙ୍କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇପାରିବ । ସମ୍ଭାବ୍ୟ ବାତ୍ୟା ଓ ବର୍ଷାକୁ ନେଇ ଗଞ୍ଜାମ ପ୍ରଶାସନ ସମସ୍ତ ପ୍ରକାରର ପ୍ରସ୍ତୁତି କରିଛନ୍ତି ।

## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com

# ପୁଣି ବଡ଼ ଯୁଦ୍ଧ ଆଶଙ୍କା

## ଛୁଟି ଶେଷ ପୂର୍ବରୁ ହ୍ୱାଇଟ୍ ହାଉସ ଫେରିଲେ ଟ୍ରମ୍ପ



ୱାଶିଂଟନ ଡିସି,୨୧/୯ : କିଛି ଦିନ ହେଲା ଶାନ୍ତ ପଡ଼ିଥିବା ମଧ୍ୟପ୍ରାଚ୍ୟ ପୁଣି ବଡ଼ ଯୁଦ୍ଧ ଆଡ଼କୁ ମୁହାଁଇବା ଭୟ ଘାରିଛି। ଏହି ଆଶଙ୍କାରେ ଆମେରିକା ମଧ୍ୟପ୍ରାଚ୍ୟରେ ଥିବା ନିଜ ଦୂତାବାସଗୁଡ଼ିକୁ ସତର୍କ କରାଇଛି । ନାଗରିକମାନଙ୍କୁ ବି ସୁରକ୍ଷା ସତର୍କତା ଜାରି କରାଯାଇଛି । ଆମେରିକାର ବିଦେଶ ବିଭାଗ ଲୋକଙ୍କୁ ଅଧିକ ସଜାଗ ରହିବାକୁ କହିଛି । ଏଭଳି ସ୍ଥିତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଛୁଟି ଶେଷ ହେବା ପୂର୍ବରୁ ହ୍ୱାଇଟ ହାଉସ୍ ଫେରିଆସିଛନ୍ତି । ଟ୍ରମ୍ପ ଛୁଟି କଟାଇବାକୁ କ୍ୟାମ୍ପ ଡେଭିଡ ଯାଇଥିଲେ । ରବିବାର ଏହା ଶେଷ ହୋଇଥାନ୍ତା । କିନ୍ତୁ ଦିନକ ପୂର୍ବରୁ ଅର୍ଥାତ ଶନିବାର ସନ୍ଧ୍ୟାରେ ସେ ହ୍ୱାଇଟ ହାଉସ ଫେରିଛନ୍ତି । ତେବେ ଏହାର କାରଣ ବାବଦରେ କିଛି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ । ଋଷିଆ ଟୁଡେ ରିପୋର୍ଟ ଅନୁସାରେ, ଆମେରିକୀୟ ବି-୧ବି ଲାନ୍ସର ବମ୍ବର୍ ବ୍ରିଟେନର ଆର୍ଏଏଫ୍ ଫେୟରଫୋର୍ଡ ଏୟାରବେସ୍ ରୁ ଉଡ଼ାଣ ଆରମ୍ଭ କରି ମଧ୍ୟପ୍ରାଚ୍ୟ ମୁହାଁ ହୋଇଛି । ସେହିଭଳି ଉତ୍ତର-ପୂର୍ବ ସିରିଆର ଅଲ୍ ହସ୍କାହରେ ଖାରାବ ଅଲ୍-ଜିର୍ ଏୟାରବେସ୍ ନିକଟରେ ବାୟୁ ପ୍ରତିରକ୍ଷା କାର୍ଯ୍ୟକଳାପ ଦେଖିବାକୁ ମିଳିଥିବା ଇରାନର ପ୍ରେସ୍ ଟିଭି ରିପୋର୍ଟରୁ ଜଣାପଡ଼ିଛି । ସାଧାରଣତଃ ସମ୍ଭାବ୍ୟ ମିସାଇଲ୍ କିମ୍ବା ଡ୍ରୋନ ଆକ୍ରମଣ ପୂର୍ବରୁ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ପ୍ରସ୍ତୁତ ରଖାଯାଏ । ଆମେରିକା ସଦ୍ୟ ଘଟଣାରେ ଇରାକ, ବାହାରିନ, ଓମାନ, ସାଉଦି ଆରବ, ଇରାନ, କାତାର, ଲେବାନନ, କୁଏତ ଏବଂ ଜୋର୍ଡାନରେ ରହୁଥିବା ନିଜ ନାଗରିକମାନଙ୍କୁ ସାବଧାନ ରହିବା ଲାଗି କହିଛି । ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ସଙ୍ଘର୍ଷ ପୁଣି ଘନେଇବା ଆଶଙ୍କା ରହିଥିବା କୁହାଯାଇଛି । ଏହି ଦେଶଗୁଡ଼ିକୁ ଯାତ୍ରା କରିବା ପୂର୍ବରୁ ଭଲ ଭାବେ ଚିନ୍ତା କରିବାକୁ ଟ୍ରମ୍ପ ପ୍ରଶାସନ କହିଛି । ଅଧିକ ଜରୁରି ନ ଥିଲେ ଯାତ୍ରାକୁ ଏଡ଼ାଇବାକୁ ପରାମର୍ଶ ଦିଆଯାଇଛି । ସେହିଭଳି ଯାତ୍ରା ପୂର୍ବରୁ ବିମାନ ଏବଂ ବିମାନବନ୍ଦର ସହ ଜଡ଼ିତ ତାଜା ତଥ୍ୟ ଉପରେ ନଜର ରଖିବାକୁ ବି କୁହାଯାଇଛି ।

## ଜିନପିଙ୍ଗଙ୍କ ଆମେରିକା ଗସ୍ତ ନିଶ୍ଚିତ : ସେପ୍ଟେମ୍ବର ୨୩-୨୫ ମଧ୍ୟରେ କାର୍ଯ୍ୟକ୍ରମ

ୱାସିଂଟନ,୨୧/୯: ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଆମେରିକା ଗସ୍ତକୁ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରାଯାଇଛି। ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ଜଣେ ମୁଖପାତ୍ରଙ୍କ ଅନୁଯାୟୀ, ସି ଜିନପିଙ୍ଗ ସେପ୍ଟେମ୍ବର ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଆମେରିକାର ଏକ ସରକାରୀ ଗସ୍ତ କରିବେ। ଏହି ସମୟ ମଧ୍ୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଜିନପିଙ୍ଗ ସେପ୍ଟେମ୍ବର ୨୩ ତାରିଖରେ ୱାଶିଂଟନରେ ଅବତରଣ କରିବେ ।

# ଆଜି ବିଧାନସଭା ମୌସୁମୀ ଅଧିବେଶନ, ଏଥର ଏମଏମଡିଆର, ପୁସ୍ତକ ତ୍ରୁଟିରେ କମ୍ପିବ



ଭୁବନେଶ୍ୱର,୨୧/୯(ନି/ପ୍ର): ଆସନ୍ତା ୨୨ ତାରିଖରେ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ । ତେବେ ତା' ପୂର୍ବରୁ ସୋମବାର ସନ୍ଧ୍ୟା ୫ଟାରେ ବିଜେଡି ରାଜ୍ୟ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିବ । ଶଙ୍ଖ ଭବନରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିରୋଧୀ ଦଳ ବିଧାୟକଙ୍କ ବୈଠକ ବସିବ ବୋଲି ବିରୋଧୀ ଦଳ ଉପମୁଖ୍ୟ ସଚେତକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଦେବ ସୂଚନା ଦେଇଛନ୍ତି । ସେହିପରି ୨୨ ତାରିଖ ସକାଳ ୯ଟାରେ ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ପ୍ରକୋଷ୍ଠରେ କଂଗ୍ରେସ ବିଧାୟକ ଦଳ ବୈଠକ ହେବ । ବିଧାନସଭା ଅଧିବେଶନରେ ରାଜ୍ୟ ସରକାରଙ୍କୁ କେଉଁ କେଉଁ ପ୍ରସଙ୍ଗରେ ଉତ୍ତର ଆଦାୟ କରିବେ, ତା'ର ତାଲିକା ପ୍ରସ୍ତୁତ ହେବ । ତେବେ ମୌସୁମୀ ଅଧିବେଶନରେ ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ସଂଶୋଧନ(ଏମଏମଡିଆ) ଆଇନ ମୁଖ୍ୟ ପ୍ରସଙ୍ଗ ସାଜିବ ବୋଲି ଉଭୟ ବିରୋଧୀ ଦଳ ବିଧାୟକମାନେ ସୂଚନା ଦେଇଛନ୍ତି। ଏହା ସହିତ ପୁସ୍ତକ ମୁଦ୍ରଣ ତ୍ରୁଟି, ଆଇନ ଶୃଙ୍ଖଳା ସ୍ଥିତି, ୟୁପିଆଇ ପେମେଣ୍ଟରେ ଶୁଳ୍କ ଲାଗୁ, ଶିକ୍ଷକ ନିଯୁକ୍ତି, ଦରଦାମ ବୃଦ୍ଧି, ବନ୍ୟା ପରିଚାଳନା, ଛାତ୍ର ସଂସଦ ନିର୍ବାଚନ ଘୋଷଣା ନହେବା ଆଦି ପ୍ରସଙ୍ଗରେ କମ୍ପିବ ବୋଲି ବିରୋଧୀ ଦଳର ବିଧାୟକମାନେ ସୂଚନା ଦେଇଛନ୍ତି । ବିରୋଧୀ ଦଳକୁ ମୁକାବିଲା କରିବାକୁ ଶାସକ ଦଳ ମଧ୍ୟ ଆସନ୍ତାକାଲି ଅପରାହ୍ଣରେ ପ୍ରସ୍ତୁତ କରିବେ ରଣନୀତି। ଅପରାହ୍ଣରେ ବିଜେପି ବିଧାୟକ ଦଳ ବୈଠକ ବସିବ ବୋଲି ବରିଷ୍ଠ ବିଜେପି ନେତା ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ତେବେ ବିରୋଧୀ ଯେଉଁ ସବୁ ପ୍ରସଙ୍ଗ ଉଠାଇବେ ସେ ନେଇ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି । ବିଧାନସଭାକୁ ସୁଚାରୁରୂପେ ଚଳାଇବାକୁ ସୋମବାର ଦିନ ୧୧ଟା୩୦ରେ ସର୍ବଦଳୀୟ ବୈଠକରେ ଆଲୋଚନା କରାଯିବ । ସମସ୍ତ ପ୍ରସଙ୍ଗକୁ ନେଇ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି । ବିଧାନସଭା ଅଧିବେଶନ ମାହୋଲ ସରଗରମ ରହିବ ବୋଲି ପୂର୍ବରୁ ସୂଚନା ମିଳୁଥିବାରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ବିଧାନସଭାକୁ ଯାଉଥିବା ବିଭିନ୍ନ ରାସ୍ତାରେ ବ୍ୟାରିକେଡ୍ କରାଯାଇଛି । ଅନୁମତିପ୍ରାପ୍ତ ଗାଡ଼ିଗୁଡ଼ିକୁ ହିଁ ଯିବାକୁ ଦିଆଯିବ । ବିଧାୟକ ଓ ମନ୍ତ୍ରୀଙ୍କ ପାଇଁ ଗୋଟିଏ ପ୍ରବେଶ ପଥ, ସାମ୍ବାଦିକଙ୍କ ପାଇଁ ଅଲଗା ଗେଟ୍ ଏବଂ ବାଟସ୍ୱତିଙ୍କ ପାଇଁ ସ୍ୱତନ୍ତ୍ର ପ୍ରବେଶ ପଥ ବ୍ୟବସ୍ଥା କରାଯାଇଛି । ବିଧାନସଭା ଭିତର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ବିଧାନସଭା ପରିସରରେ ୩୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ରହିବେ । ସେହିପରି ବିଧାନସଭା ବାହାରେ ୧୦ରୁ ୧୨ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ରହିବେ । ଏହାବ୍ୟତୀତ ବିଧାନସଭା ଓ ଏହାର ଆଖପାଖ ନିର୍ମାଣକୁ ନଜରରେ ରଖି ରୁଫ୍‌ଟପ୍‌ରେ ମଧ୍ୟ ସୁରକ୍ଷାକର୍ମୀ ମୁତୟନ ହେବେ । ସୁରକ୍ଷା ପାଇଁ ପୃଥକ ଭାବେ ଗୁଇନ୍ଦା ଟିମ୍ ମଧ୍ୟ ନିୟୋଜିତ ରହିବେ । ପ୍ରତିଦିନ ବିଧାନସଭା ଆରମ୍ଭ ପୂର୍ବରୁ ଡଗ୍ ସ୍କ୍ୱାଡ୍ ଓ ଆଣ୍ଟି-ସାବୋଟାଜ୍ ଟିମ୍ ପକ୍ଷରୁ ସମ୍ପୂର୍ଣ୍ଣ ବିଲ୍ଡିଂ ଯାଞ୍ଚ କରାଯିବ । ବିଧାନସଭା ଅଧିବେଶନ ସମୟରେ ବିଭିନ୍ନ ସଙ୍ଗଠନ ଓ ସମ୍ବେଦନଶୀଳ ଗୋଷ୍ଠୀଙ୍କ ଗତିବିଧି ଉପରେ ମଧ୍ୟ ପୁଲିସ ନଜର ରଖିବ । ଆଇନଶୃଙ୍ଖଳା ପରିସ୍ଥିତି ଯେପରି ନ ବିଗିଡ଼େ, ସେଥିପାଇଁ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ସୂଚନା ମିଳିଛି ।

# ୨୮ରୁ ୩୦ ବ୍ୟାଙ୍କ ଧର୍ମଘଟ

ନୂଆଦିଲ୍ଲୀ,୨୧/୯: ଦେଶବ୍ୟାପୀ ବ୍ୟାଙ୍କ କର୍ମଚାରୀ ସଂଘଗୁଡ଼ିକ ପକ୍ଷରୁ ସେପ୍ଟେମ୍ବର ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଧର୍ମଘଟ ଡାକରା ଦିଆଯାଇଛି। ଏହି ଧର୍ମଘଟ ଡାକରାରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ସ (ୟୁଏଫ୍‌ବିୟୁ) ଓ ସର୍ବଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘ (ଏଆଇବିଇଏ) ସାମିଲ ହୋଇଛନ୍ତି। ଏହି ଧର୍ମଘଟ ଯୋଗୁଁ ସେପ୍ଟେମ୍ବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ କ୍ରମାଗତ ୫ଦିନ ଧରି ବ୍ୟାଙ୍କ ବନ୍ଦ ରହିବ। କାରଣ ସେପ୍ଟେମ୍ବର ୨୬ ହେଉଛି ୪ର୍ଥ ଶେଷ ଶନିବାର ଓ ୨୭ ହେଉଛି ରବିବାର। ଏହି ସାପ୍ତାହିକ ଛୁଟି ପରେ ସେପ୍ଟେମ୍ବର ୨୮, ୨୯ ଓ ୩୦ (ସୋମ, ମଙ୍ଗଳ ଓ ବୁଧବାର) ଧର୍ମଘଟ ଡାକରା ଯୋଗୁଁ ବ୍ୟାଙ୍କ ବନ୍ଦ ରହିବ। ଫଳରେ ବ୍ୟାଙ୍କ ସେବା କ୍ରମାଗତ ୫ଦିନ ଧରି ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ବ୍ୟାଙ୍କଗୁଡ଼ିକରେ ସପ୍ତାହକୁ ୫ ଦିନିଆ କାର୍ଯ୍ୟଦିବସ ବ୍ୟବସ୍ଥା ଲାଗୁ କରିବା। ଖାଲିପଡ଼ିଥିବା ପଦଗୁଡ଼ିକରେ ନୂତନ ନିଯୁକ୍ତି ଓ ଅନ୍ୟାନ୍ୟ ଦାବି ପୂରଣ କରିବା ଦାବିରେ ଏହି ଧର୍ମଘଟ ଡାକରା ଦିଆଯାଇଛି। ଏହା ପୂର୍ବରୁ ସେପ୍ଟେମ୍ବର ୧୧ରୁ ୧୫ କ୍ରମାଗତ ୫ଦିନ ବ୍ୟାଙ୍କ ବନ୍ଦ ରହିଥିଲା। ଏହି ଧର୍ମଘଟ ପାଇଁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ସମେତ ପ୍ରମୁଖ ବ୍ୟାଙ୍କଗୁଡ଼ିକ ସେମାନଙ୍କ ଗ୍ରାହକଙ୍କୁ ସେପ୍ଟେମ୍ବର ୨୮ ପୂର୍ବରୁ ନିଜର ଆବଶ୍ୟକୀୟ କାମ ଯଥା: ଟଙ୍କା ଜମା/ଉଠାଣ, ଚେକ୍ କ୍ଲିୟରାନ୍ସ, ଡକ୍ୟୁମେଣ୍ଟେସନ୍ ସାରିବାକୁ ପରାମର୍ଶ ଦେଇଛି। ବ୍ୟାଙ୍କ ଶାଖାରେ କାମ ପ୍ରଭାବିତ ହେବ, ଏଟିଏମ୍ ଏବଂ ସିଏସପି ପୂର୍ବପରି କାର୍ଯ୍ୟକ୍ଷମ ରହିବ। ଏହି ପ୍ରସଙ୍ଗରେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ସଚିବ ବ୍ୟାଙ୍କ ମୁଖ୍ୟମାନଙ୍କ ସହ ଜରୁରୀ ବୈଠକ ଡକାଇଛନ୍ତି।

# ସୁଦାନରେ ବଡ଼ ଦୁର୍ଘଟଣା:

## ସୁନା ଖଣି ସୁଡଙ୍ଗ ଧସି ୧୧ ମୃତ, ୩୦ ଆହତ ଏବଂ ଅନେକ ନିଖୋଜ



ଖାର୍ଟୋମ୍,୨୧/୯: ସୁଦାନର ଏକ ସୁନା ଖଣିରେ ସୁଡ଼ଙ୍ଗ ଧସି ପଡ଼ିଛି। ଫଳରେ କାମ କରୁଥିବା ୧୧ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି ଏବଂ ୩୦ ଜଣ ଆହତ ହୋଇଛନ୍ତି। ଧସି ପଡ଼ିଥିବା ମାଟି ତଳେ ଅନେକ ଚାପି ହୋଇ ରହିଥିବା ସନ୍ଦେହ କରାଯାଉଛି। କାରଣ କାମ କରିବାକୁ ଆସିଥିବା ବହୁ ଶ୍ରମିକ ନିଖୋଜ ରହିଛନ୍ତି। ସେମାନଙ୍କର ସନ୍ଧାନ ଜାରି ରହିଛି। ମୃତାହତଙ୍କ ସଂଖ୍ୟା ବଢ଼ିବା ଆଶଙ୍କା ରହିଥିବା କୁହାଯାଉଛି। ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏକ ବିବୃତିରେ, କମ୍ପାନି ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ସମବେଦନା ପ୍ରକାଶ କରିଛି, କିନ୍ତୁ ମୃତାହତଙ୍କ ବିଷୟରେ କୌଣସି ସୂଚନା ପ୍ରଦାନ କରିନାହିଁ। ସୁନା ଉତ୍ପାଦନକାରୀ ଦେଶ ସୁଦାନରେ ଖଣି ଧସିବା ଦ୍ୱାରା ମୃତ୍ୟୁ ଏକ ସାଧାରଣ ଘଟଣା। ବେଆଇନ ଖଣିଗୁଡ଼ିକରେ ସୁରକ୍ଷା ମାନଦଣ୍ଡ ବ୍ୟାପକ ଭାବରେ ଉଲ୍ଲଂଘନ କରାଯିବାରୁ ଏଭଳି ପ୍ରାୟତଃ ଘଟିଥାଏ। ଗୋଟିଏ ସପ୍ତାହ ମଧ୍ୟରେ ସୁଦାନରେ ଏହା ବେଆଇନ ସୁନା ଖଣି ଧସିବାର ଦ୍ୱିତୀୟ ଘଟଣା। ଗତ ରବିବାର ଦେଶର ପଶ୍ଚିମ ଭାଗରେ ଏକ ସୁନା ଖଣିର ଅନେକ ସୁଡ଼ଙ୍ଗ ଭୁଶୁଡ଼ି ପଡ଼ିବାରୁ ୮୨ ଜଣଙ୍କର ମୃତ୍ୟୁ ଘଟିଥିଲା।

# କାନାଡା ଇୟୁର ସହଯୋଗୀ ସଦସ୍ୟ ହେବା ନେଇ ସବୁଜ ସଙ୍କେତ:

## ପ୍ରସ୍ତାବକୁ ସମର୍ଥନ କଲେ ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରନ



ପ୍ୟାରିସ୍,୨୧/୯: ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ କାନାଡାକୁ ୟୁରୋପୀୟ ସଂଘ(ଇୟୁ)ର ପ୍ରଥମ ସହଯୋଗୀ ସଦସ୍ୟ କରିବା ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ମାକ୍ରନ ଏବଂ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି କାନାଡାର ନ୍ୟୁଫାଉଣ୍ଡଲାଣ୍ଡ ନିକଟରେ ଅବସ୍ଥିତ ଫରାସୀ ଅଂଚଳ ସେଣ୍ଟ-ପିଏରେ-ଆ-ମିକେଲନରେ ପରସ୍ପରକୁ ଭେଟିଛନ୍ତି। ମାକ୍ରନ କହିଛନ୍ତି, ଫ୍ରାନ୍ସ, କାନାଡା ଏବଂ ୟୁରୋପ ମଧ୍ୟରେ ସମ୍ପର୍କକୁ ମଜବୁତ କରିବାକୁ ପଡିବ। କାନାଡା ଏବଂ ଫ୍ରାନ୍ସ ମଧ୍ୟରେ ଦୂରତା କମ୍ ହୋଇପାରେ, କିନ୍ତୁ ଦୁଇ ଦେଶ ମଧ୍ୟରେ ମୂଲ୍ୟବୋଧ ଏବଂ ସମ୍ପର୍କ ଅଧିକ ନିକଟତର। ଏହି ବୈଠକ ଏପରି ଏକ ସମୟରେ ହେଉଛି ଯେତେବେଳେ କାନାଡା ଏବଂ ଆମେରିକା ମଧ୍ୟରେ ସମ୍ପର୍କରେ ଉତ୍ତେଜନା ବୃଦ୍ଧି ପାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡା ଉପରେ ଶୁଳ୍କ ଲାଗୁ କରିଛନ୍ତି। ଟ୍ରମ୍ପ ବାରମ୍ବାର କାନାଡାକୁ ୫୧ତମ ଆମେରିକା ରାଜ୍ୟ ହେବା ପାଇଁ ଆହ୍ୱାନ କରିଛନ୍ତି। ସେ ସମ୍ପ୍ରତି ସୋସିଆଲ ମିଡିଆରେ ଏକ ମାନଚିତ୍ର ପୋଷ୍ଟ କରିଛନ୍ତି ଯେଉଁଥିରେ କାନାଡା ଏବଂ ସେଣ୍ଟ-ପିଏରେ-ଆ-ମିକେଲନ ସମେତ ସମଗ୍ର ଉତ୍ତର ଆମେରିକା ଉପରେ ଆମେରିକୀୟ ପତାକା ଦର୍ଶାଯାଇଛି। ଇୟୁ ସଭାପତି ଉର୍ସୁଲା ଭନ୍ ଡେର୍ ଲେଏନ୍ କାନାଡାକୁ ଇୟୁର ପ୍ରଥମ ସହଯୋଗୀ ସଦସ୍ୟ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। କାର୍ନି ଏହାକୁ ସମର୍ଥନ କରିଛନ୍ତି। ସେ କହିଛନ୍ତି, ୟୁରୋପ ସହିତ ଦୃଢ଼ ସମ୍ପର୍କ କାନାଡାକୁ ଯେକୌଣସି ଗୋଟିଏ ଦେଶ ଉପରେ ଏହାର ଆର୍ଥିକ ନିର୍ଭରଶୀଳତା ହ୍ରାସ କରିବାରେ ସାହାଯ୍ୟ କରିବ। ତେବେ ଇୟୁରେ ସମ୍ପ୍ରତି ସହଯୋଗୀ ସଦସ୍ୟ ମାନ୍ୟତା ସ୍ଥିତି ନାହିଁ। ଉଭୟ ଦେଶ ସେମାନଙ୍କର ମହାକାଶ ସଂସ୍ଥା ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ରକେଟ୍ ପ୍ରକ୍ଷେପଣ ପ୍ରଣାଳୀ ଏବଂ ଭୂମି-ଭିତ୍ତିକ ଉପଗ୍ରହ ସୁବିଧା ସମେତ ଏକ ସହଭାଗୀ ଭିତ୍ତିଭୂମି ବିକାଶ କରିବା ପାଇଁ ସହମତ ହୋଇଛନ୍ତି। ଶକ୍ତି, ଦୂରସଂଚାର, ଜଳବାୟୁ ଏବଂ ଅର୍ଥନୈତିକ ବିକାଶରେ ସହଯୋଗ ବୃଦ୍ଧି, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ବିରଳ ଧାତୁ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ଉପଗ୍ରହ ଏବଂ ସୁପରକମ୍ପ୍ୟୁଟିଂ ବିଷୟରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ମାକ୍ରନ୍ ଉଲ୍ଲେଖ କରିଛନ୍ତି, କାନାଡାରେ ତୈଳ, ଗ୍ୟାସ୍ ଏବଂ ଅତ୍ୟାବଶ୍ୟକ ଖଣିଜର ବିପୁଳ ସମ୍ପଦ ଅଛି। ଫ୍ରାନ୍ସ ୟୁରୋପ ପାଇଁ କାନାଡାରୁ ଅଧିକ ଏଲଏନଜି କ୍ରୟ କରିବା ପାଇଁ ଚୁକ୍ତି କରିବାକୁ ଚାହୁଁଛି।

## କେରଳର ଇଡୁକ୍କିରେ ଅଚାନକ ଆସିଲା ବନ୍ୟା-ଭୂସ୍ଖଳନ: ୬ ମୃତ, ଅନେକ ନିଖୋଜ

କୋଚି,୨୧/୯: କେରଳର ଇଡୁକ୍କି ଜିଲ୍ଲା ଅନ୍ତର୍ଗତ କୋଟ୍ଟକାମ୍ପୁର ଅଂଚଳରେ ରବିବାର ଅଚାନକ ବନ୍ୟା ଏବଂ ଭୂସ୍ଖଳନ ଘଟି ଅନ୍ୟୂନ ୬ ଜଣଙ୍କ ମୃତ୍ୟୁ ଘଟିଛି । ଆହୁରି ଅନେକ ଲୋକ ଫସିରହିଥିବା ଆଶଙ୍କା କରାଯାଉଛି । ସ୍ଥାନୀୟ ପ୍ରଶାସନ ତରଫରୁ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଛି । ଏଥିରେ ଲୋକମାନେ ସହଯୋଗ କରୁଛନ୍ତି । ଅଚାନକ ବନ୍ୟାରେ ଅନେକ ଲୋକ ନିଖୋଜ ହୋଇଯାଇଥିବା ଅନୁମାନ କରାଯାଉଛି ।

## କାନାଡାରେ ଉଡ଼ାଣ ତାଲିମ ସମୟରେ ବିମାନ ଦୁର୍ଘଟଣାଗ୍ରସ୍ତ:

# ୨ ଭାରତୀୟ ଛାତ୍ରଙ୍କ ଦୁଃଖଦ ମୃତ୍ୟୁ

ଓଟାୱା,୨୧/୯: କାନାଡାରେ ଉଡ଼ାଣ ତାଲିମ ସମୟରେ ଏକ ମର୍ମନ୍ତୁଦ ବିମାନ ଦୁର୍ଘଟଣାରେ ଦୁଇ ଜଣ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ଘଟିଛି। କାନାଡାରେ ଥିବା ଭାରତୀୟ ଦୂତାବାସ ଏହି ଦୁଃଖଦ ଘଟଣାର ନିଶ୍ଚିତ କରିଛି। ଛାତ୍ରମାନେ ସେମାନଙ୍କର ବାଣିଜ୍ୟିକ ପାଇଲଟ୍ ବିମାନ ଚଳାଚଳ ତାଲିମ ପାଇଁ ଉଡ଼ାଣ ଅଭ୍ୟାସ କରୁଥିଲେ। ମୃତକଙ୍କୁ ତାମିଲନାଡୁର ମନୋଜ ଶିବକୁମାର ଏବଂ ପୁଡୁଚେରୀର ଶ୍ରୀଚରଣ ତିରୁଗନାସମ୍ବନ୍ଦମ ବୋଲି ଚିହ୍ନଟ କରାଯାଇଛି। ଏହି ଘଟଣା ନେଇ ଭାନକୁଭରରେ ଥିବା ଭାରତୀୟ କନସୁଲେଟ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଶୋକ ପ୍ରକାଶ କରିଛି। ଦୂତାବାସ ମଧ୍ୟ ସ୍ପଷ୍ଟ କରିଛି, ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ପୀଡିତଙ୍କ ପରିବାର ସହିତ ନିରନ୍ତର ଯୋଗାଯୋଗ କରାଯାଉଛି। ଦୂତାବାସ ଅଧିକାରୀଙ୍କ ଅନୁଯାୟୀ, ଦୁଇ ମୃତ ଛାତ୍ରଙ୍କ ମୃତଦେହକୁ ଭାରତରେ ସେମାନଙ୍କ ଜନ୍ମସ୍ଥାନକୁ ସମ୍ମାନର ସହିତ ଫେରାଇ ଆଣିବା ପ୍ରକ୍ରିୟାରେ ପରିବାରକୁ ସମସ୍ତ ସମ୍ଭାବ୍ୟ କନସୁଲାର ଏବଂ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉଛି। ଏହି ଦୁଃଖଦ ଘଟଣା ଛାତ୍ରଙ୍କ ପରିବାର ଏବଂ ସେମାନଙ୍କ ଜନ୍ମସ୍ଥାନ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ପ୍ରଶାସନ ଦୁର୍ଘଟଣାର କାରଣ ତଦନ୍ତ କରୁଛି।




କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# ହାତୀ ଆକ୍ରମଣରେ ଯୁବକ ଗୁରୁତର



ଚମ୍ପୁଆ,୨୧/୯(ନି/ପ୍ର): ହାତୀ ଦେଖିବାର ଜିଦ୍ ଏବଂ ଅସାବଧାନତା ଯୋଗୁଁ ପୁଣି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବର୍ଦ୍ଧନା ରିଜର୍ଭ ଫରେଷ୍ଟର ବଳପଦା ଜଙ୍ଗଲ କ୍ରସର ନିକଟରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଗୁରୁତର ଯୁବକ ଜଣକ ଅସନପାଟ ଗ୍ରାମର ଜିତୁ ନାଏକ(୩୨) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ ଏହି ଅଂଚଳରେ ଏକ ୩୨ଟିକିଆ ହାତୀ ପଲ ଡେରା ପକାଇଛନ୍ତି। ହାତୀଙ୍କ ଉପସ୍ଥିତି ଯୋଗୁଁ ସ୍ଥାନୀୟ ଅଂଚଳରେ ଭୟର ବାତାବରଣ ରହିଥିବାବେଳେ, ଅନ୍ୟପଟେ କିଛି ଅମାନିଆ ଯୁବକ ଦୈନିକ ହାତୀ ଦେଖିବା ଏବଂ ମୋବାଇଲ୍‌ରେ ଫଟୋ-ଭିଡିଓ ଉତୋଳନ କରିବା ପାଇଁ ଜଙ୍ଗଲ ମୁହାଁ ହେଉଛନ୍ତି। ଜିତୁ ମଧ ସମାନ ଭାବେ ହାତୀ ଦେଖିବାକୁ ଜଙ୍ଗଲ ଭିତରକୁ ଯାଇଥିବା ବେଳେ ହଠାତ୍ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ଆକ୍ରମଣ କରି ଜିତୁକୁ ଶୁଣ୍ଢରେ ଧରି କଚାଡ଼ି ଦେବା ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଘଟଣାସ୍ଥଳରୁ ବନବିଭାଗ କର୍ମଚାରୀମାନେ ଉଦ୍ଧାରକରୀ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ଅବସ୍ଥା ସଂକଟାପର୍ଣ୍ଣ ଥିବାରୁ କେନ୍ଦୁଝର ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ସ୍ଥାନୀୟ ଅଂଚଳରେ ଗଭୀର ଉଦ୍ବେଗ ପ୍ରକାଶ ପାଇଛି। ବନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯିବା ସହ ହାତୀ ପଲଙ୍କ ନିକଟକୁ ନଯିବା ପାଇଁ ବାରମ୍ବାର ବାରଣ କରାଯାଉଛି। ତଥାପି ଯୁବପିଢ଼ି ନିଜ ଜୀବନକୁ ବାଜି ଲଗାଇ ଜଙ୍ଗଲ ଭିତରକୁ ପ୍ରବେଶ କରୁଥିବାରୁ ଏଭଳି ଅଘଟଣ ବାରମ୍ବାର ଘଟୁଛି। ଏହି ଜିଦ୍‌ଖୋର ମନୋଭାବ ଯୋଗୁଁ ବନ ବିଭାଗର ସମସ୍ତ ପ୍ରୟାସ ଏବେ ବିଫଳ ସାବ୍ୟସ୍ତ ହେଉଥିବା ଦେଖିବାକୁ ମିଳିଛି।

## ପ୍ରଧାନଶିକ୍ଷକଙ୍କୁ ମୋମେନଟୋ ଓ ପ୍ରମାଣପତ୍ର ପ୍ରଦାନ

ଭଦ୍ରକ,୨୧/୯(ନି/ପ୍ର):ଭଦ୍ରକ ଜିଲ୍ଲା କୃଷ୍ଣ ଚରଣ ବିଦ୍ୟା ମନ୍ଦିରର ପ୍ରଧାନଶିକ୍ଷକ ଶରତ କୁମାର ଜେନାଙ୍କୁ ଏହି ବିଦ୍ୟାମନ୍ଦିରର ପୂର୍ବତନ ପ୍ରଧାନଶିକ୍ଷକ ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ପଦ୍ମଲୋଚନ ଦାସ ମୋମେଂଟ୍ନ ଓ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଗତ ୧୭ ତାରିଖ ଏହି ବିଦ୍ୟା ମନ୍ଦିରର ୨୫ ଜଣ ଛାତ୍ରଙ୍କୁ ନେଇ ସ୍ୱର୍ଗତ ଅର୍ଜୁନ ଚରଣ ସେଠୀଙ୍କ ଜୀବନ ଦର୍ଶନ ନେଇ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା । ପ୍ରତିଯୋଗିତାକୁ ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ସାହୁ, ମୋହନ କୁମାର ମହାନ୍ତି,ନାରାୟଣ ଚନ୍ଦ୍ର ସାମଲ, ଉପେନ୍ଦ୍ର କୁମାର ବିଶ୍ୱାଳ, ପଚାଂନନ ପୃଷ୍ଟି, କୈଳାସ ଚନ୍ଦ୍ର ଧଳ ପରିଚାଳନା କରିଥିବା ବେଳେ ତିନିଜଣ କୃତି ଛାତ୍ର ପୃଥୀରାଜ ଦାସ, ଟି. ଭେଙ୍କେଟେସ ନାଥ, ନିରଞ୍ଜନ ମାଝୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ । ଭଦ୍ରକ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଚାଲିଥିବାରୁ ୧୮ ତାରିଖରେ ଅନୁଷ୍ଠିତ ସ୍ୱର୍ଗତ ଅର୍ଜୁନ ଚରଣ ସେଠୀଙ୍କ ସ୍ମୃତିଚାରଣ ସଭାରେ କୃତୀ ଛାତ୍ର ମାନେ ଅନୁପସ୍ଥିତ ଥିଲେ

# ନିଶ୍ଚିତ ମୃତ୍ୟୁମୁଖରୁ ବଚିଂଲା ପରିବାର



କେନ୍ଦୁଝର,୨୧/୯(ନି/ପ୍ର): କେନ୍ଦୁଝର ମୁଖ୍ୟାଳୟ ଗାନ୍ଧିଛକ ସମୟ ଠିକ ୪.୫୨ ଅପରାହ୍ନ ଆଉ ଚାରିସେକେଣ୍ଡ ପରେ ଟ୍ରାଫିକ ସିଗନାଲ୍ ନାଲି ହୋଇଯିବ ତେଣୁ ତୁରନ୍ତ ଛକ ପାର ହୋଇ ଝୁମ୍ପୁରା ଅଭିମୁଖେ ଆକ୍ସିଲେଟର ଦବାଇ ମାଡ଼ିଗଲା ୫୦୪ ନମ୍ବର ଓଡି ୦୯ଏଏଚ ୦୪୯୩ ଆମବସ ସାଇଡ ରେ କିଏ ଅଛି ନଅଛି ଦେଖିବାର ନାହିଁ , ସମାନ ଦିଗରେ ଏକ ବାଇକ ଓଡି ୦୯ଏଚ ୩୪୦୦ ଏକ ପରିବାର କୋମଳମତି ଶିଶୁ ଶହ ଯାଉଥିଲେ ଦୃତଗାମୀ ଆମବସ ସହିତ ଘଷି ହୋଇଗଲେ ସମ୍ପୂର୍ଣ୍ଣ ପରିବାର ଶିଶୁ ସହିତ ଆମବସ ପଛଚକରୁ କେଇ ସେଟିଂମିଟର ନିକଟରେ ପଡ଼ିଗଲେ ,ଆଖି ବନ୍ଦ ହୋଇଗଲା ଆଖପାଖ ଲୋକଙ୍କର , ଈଶ୍ୱରଙ୍କ ଅସୀମ କୃପା ପରିବାର ବଚିଂଗଲା ,ଲୋକେ ଦୌଡ଼ିଯାଇ ଉଦ୍ଧାର କାଳେ ଟ୍ରାଫିକ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଚିଂ ବସକୁ ଅଟକାଇଲେ । ବସ ଡ୍ରାଇଭର ବି ସ୍ୱୀକାର କଲା ଟ୍ରାଫିକ ତୁରନ୍ତ ପାର ହେବା ପାଇଁ ଗଡ଼ିକୁ ଜୋରରେ ଚଳାଇଥଲେ । ଉଚ ପ୍ରଶିକ୍ଷିତ ଆମବସ ଡ୍ରାଇଭର ର ତ୍ରୁଟି କାହିଁକି ? ଈଶ୍ୱରଙ୍କ କୃପାରୁ ପରିବାର ବଚିଂଗଲା , କିନ୍ତୁ ସାମାନ୍ୟ ଅସାବଧନତା ପାଇଁ ଯଦି କିଛିଅଘଟଣ ହୋଇଥାନ୍ତା ତେବେ ।ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ।

# ନାଳ ପୋଲ ନିକଟରୁ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର, ଚିହ୍ନଟ ପାଇଁ ପୋଲିସର କସରତ

ଚମ୍ପୁଆ,୨୧/୯(ନି/ପ୍ର): ଚମ୍ପୁଆ ଉପଖଣ୍ଡ ବାରିଆ ଥାନା ଅନ୍ତର୍ଗତ ନାଗରପାଳ ଅଂଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନାଗରପାଳ ଗ୍ରାମ ଦେଇ ପ୍ରବାହିତ ହେଉଥିବା ଏକ ନାଳ ପୋଲ ନିକଟରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସ୍ଥାନୀୟ ଅଂଚଳରେ ଏହାକୁ ନେଇ ଚାଂଚଲ୍ୟ ଖେଳିଯାଇଛି। ଖବର ଅନୁସାରେ, ଆଜି ସକାଳେ ଗ୍ରାମର କିଛି ଲୋକ ନାଳ ପଟକୁ ଯାଇଥିବା ବେଳେ ପୋଲ ନିକଟରେ ଶବଟି ପଡ଼ିଥିବା ଦେଖିବାକୁ ପାଇଥିଲେ। ଏହା ପରେ ସେମାନେ ତୁରନ୍ତ ବାରିଆ ପୋଲିସକୁ ସୂଚନା ଦେଇଥିଲେ। ଗ୍ରାମବାସୀଙ୍କ ଠାରୁ ଖବର ପାଇ ବାରିଆ ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଶବ ଚିହ୍ନଟ କରିବାକୁ ଚେଷ୍ଟା କରିଥିଲେ ମଧ ବର୍ତ୍ତମାନ ସୁଦ୍ଧା ମୃତ ବ୍ୟକ୍ତିଙ୍କର କୌଣସି ପରିଚୟ ମିଳିପାରି ନାହିଁ। ବାରିଆ ପୋଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରିବା ସହ ମୃତ୍ୟୁର ପ୍ରକୃତ କାରଣ ଖୋଜିବା ପାଇଁ ଶବକୁ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଦେଇଛି। ତେବେ ଏହା ହତ୍ୟା ନା ଆତ୍ମହତ୍ୟା, ସେ ନେଇ ପୋଲିସ ସମସ୍ତ ଦିଗକୁ ଆଖିରେ ରଖି ଅଧିକ ତଦନ୍ତ ଜାରି ରଖିଛି।

# ଆଦର୍ଶ ଶିକ୍ଷକ ଭୀମଚରଣ ପରିଡ଼ାଙ୍କ ଗୀତିକା କିଛି ଲୋକ ରାଣଖାଇ ଉନ୍ମୋଚିତ

## ସଂସ୍କୃତି, ସାହିତ୍ୟ ଓ ସଙ୍ଗୀତ ପ୍ରତି ଅବଦାନକୁ ପ୍ରଶଂସା

ଭଦ୍ରକ, ୨୧/୯(ନି/ପ୍ର): ଶିକ୍ଷାଦାନ ସହିତ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ସଭ୍ୟତା ଓ ପରମ୍ପରାକୁ ଭଲ ପାଇ ନିଜ ସୃଜନଶୀଳତାର ପରିଚୟ ଦେଇଆସୁଥିବା ଆଦର୍ଶ ଶିକ୍ଷକ ତଥା ସାହିତ୍ୟପ୍ରେମୀ ଭୀମଚରଣ ପରିଡ଼ାଙ୍କ ଏକ ନୂତନ ଗୀତିକା ଆଧାରିତ ମ୍ୟୁଜିକ୍ ଭିଡିଓ 'କିଛି ଲୋକ ରାଣଖାଇ' ଉନ୍ମୋଚିତ ହୋଇଛି। ଭୀମଚରଣ ପରିଡ଼ା ଜଣେ ଶିକ୍ଷକ ଭାବେ ଶିକ୍ଷାଦାନ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିଥିବା ବେଳେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ତାଙ୍କର ଗଭୀର ଅନୁରାଗ ରହିଛି। ବିଶେଷକରି ଛନ୍ଦଯୁକ୍ତ କବିତା ରଚନା କ୍ଷେତ୍ରରେ ତାଙ୍କର ରୁଚି ତାଙ୍କୁ ଜଣେ ସ୍ୱତନ୍ତ୍ର ପ୍ରତିଭା ଭାବେ ପରିଚିତ କରାଇଛି। ତାଙ୍କ ରଚିତ ଛନ୍ଦଯୁକ୍ତ କବିତାଗୁଡ଼ିକ ଭାବପୂର୍ଣ୍ଣ, ଶ୍ରୁତିମଧୁର ଓ ଚିତାକର୍ଷକ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। 'ଆରେମ୍ ସମ୍ପର୍କନ ମ୍ୟୁଜିକ୍' ନିବେଦିତ ଏହି ଗୀତିକାର ମ୍ୟୁଜିକ୍ ଭିଡିଓ ଉନ୍ମୋଚନ ଅବସରରେ ପଣ୍ଡିତ ଧୀର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରଷିକବି ଅରୁଣ କୁମାର ପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସଙ୍ଗୀତ ଓ ସାହିତ୍ୟର ସାମାଜିକ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଡ. ଖୀରାପ୍ତି ତନୟା ସାହୁ, ଶେଖର ଚନ୍ଦ୍ର ଜେନା, ଚନ୍ଦ୍ରମଣି ମାଝୀ ଓ ରୁଦ୍ରମାଧବ ବାରିକଙ୍କ ସମେତ ବହୁ ସାହିତ୍ୟପ୍ରେମୀ ଓ ସଂସ୍କୃତିପ୍ରେମୀ ଉପସ୍ଥିତ ଥିଲେ। ସନାତନ ନାୟକଙ୍କ ସହଯୋଗିତାରେ ଏବଂ ତାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ପରିଚାଳିତ ହୋଇଥିଲା। ବକ୍ତାମାନେ କହିଥିଲେ ଯେ, ସଙ୍ଗୀତ ମଣିଷର ମନକୁ ଛୁଇଁବା ସହିତ ତାକୁ ଭାବନାର ଏକ ନୂତନ ଦିଗ ଦେଇଥାଏ। ଜୀବନର ପ୍ରତ୍ୟେକ ସ୍ତରରେ ସଙ୍ଗୀତର ଗୁରୁତ୍ୱ ରହିଛି। ଆବାଳବୃଦ୍ଧବନିତାଙ୍କ ମନକୁ ଆନନ୍ଦ ଦେବା ସହିତ ସମାଜରେ ସକାରାତ୍ମକ ଚେତନା ସୃଷ୍ଟି କରିବାରେ ସଙ୍ଗୀତର ଭୂମିକା ଅନସ୍ୱୀକାର୍ଯ୍ୟ। ଭୀମଚରଣ ପରିଡ଼ାଙ୍କ ଛନ୍ଦଯୁକ୍ତ କବିତାକୁ ଗୀତର ରୂପ ଦେଇ ମ୍ୟୁଜିକ୍ ଭିଡିଓ ମାଧମରେ ଲୋକଙ୍କ ନିକଟରେ ପହଂଚାଇବା ଏକ ପ୍ରଶଂସନୀୟ ପ୍ରୟାସ ବୋଲି ଉପସ୍ଥିତ ଅତିଥିମାନେ ମତ ଦେଇଥିଲେ। ରୁଦ୍ରମାଧବ ବାରିକଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ମ୍ୟୁଜିକ୍ ଭିଡିଓ ଗାଁଠାରୁ ସହର ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଦର୍ଶକ ଓ ଶ୍ରୋତାଙ୍କ ମନ ଜିଣିବ ବୋଲି ବକ୍ତାମାନେ ଆଶାବ୍ୟକ୍ତ କରିଥିଲେ। ଶିକ୍ଷା ସହିତ ସାହିତ୍ୟ, ସଂସ୍କୃତି ଓ ସଙ୍ଗୀତକୁ ଏକାଠି କରି ଭୀମଚରଣ ପରିଡ଼ା ଯେଉଁ ସୃଜନଶୀଳ ପ୍ରୟାସ କରିଛନ୍ତି, ତାହା ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ତାଙ୍କର ଗଭୀର ଭଲପାଇବାର ଏକ ନିଆରା ଉଦାହରଣ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

# ବିଜେପିର ସାଙ୍ଗଠନିକ ବୈଠକ

ନୂଆପଡ଼ା,୨୧/୯(ନି/ପ୍ର): ଭାରତୀୟ ଜନତା ପାର୍ଟି ନୂଆପଡ଼ା ଜିଲ୍ଲା ପ୍ରଭାରୀ ଆର୍ତତ୍ରାଣ ମହାପାତ୍ରଙ୍କ ମାର୍ଗଦର୍ଶନ ଏବଂ ଜିଲ୍ଲା ସଭାପତି କମଳେଶ ଦୀକ୍ଷିତଙ୍କ ସଭାପତିତ୍ୱରେ ଶନିବାର ଖଡ଼ିଆଳ ବିଧାନସଭା କ୍ଷେତ୍ରର ଦୁଇଟି ସ୍ଥାନରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ବୋଡ଼େନ ବ୍ଲକ୍ ଅନ୍ତର୍ଗତ ପାତାଳଗଙ୍ଗା ଠାରେ ସିନାପାଲିର ୩ଟି ଓ ବୋଡ଼େନର ୨ଟି ମଣ୍ଡଳକୁ ନେଇ ବୈଠକ ହୋଇଥିବା ବେଳେ, ଖଡ଼ିଆଳ ମୁକ୍ତାପୁର ସ୍ଥିତ ଖଡ଼ିଆଳ-ପାଟଣା କ୍ଷତ୍ରୀୟ ସମାଜ ଭବନରେ ଖଡ଼ିଆଳର ୪ଟି ମଣ୍ଡଳକୁ ନେଇ ଅନ୍ୟ ଏକ ବୈଠକ ହୋଇଥିଲା। ଦୁଇଟି ବୈଠକରେ ମୋଟ ୯ଟି ମଣ୍ଡଳର ସାଙ୍ଗଠନିକ କାର୍ଯ୍ୟକ୍ରମ ଓ ଆଗାମୀ କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଥିଲା। ବୈଠକରେ ଦଳର 'ସେବା ସଂକଳ୍ପ ଅଭିଯାନ'କୁ ବୁଥସ୍ତର ପର୍ଯ୍ୟନ୍ତ ପହଂଚାଇବା ଏବଂ ଅଧିକରୁ ଅଧିକ ଜନସାଧାରଣଙ୍କୁ ଏହା ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରଙ୍କ ସେବା, ସୁଶାସନ ଓ ଜନକଲ୍ୟାଣମୂଳକ ପଦକ୍ଷେପ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଏବଂ 'ବିକଶିତ ଭାରତ' ସଂକଳ୍ପକୁ ଜନସହଭାଗିତା ମାଧମରେ ଆଗେଇ ନେବା ନେଇ ଆଲୋଚନା ହୋଇଥିଲା। ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ସାଙ୍ଗଠନିକ ପ୍ରସ୍ତୁତି, ମଣ୍ଡଳସ୍ତରରେ ସଂଗଠନକୁ ସୁଦୃଢ଼ କରିବା, ବୁଥସ୍ତରରେ କାର୍ଯ୍ୟକର୍ତାଙ୍କ ସକ୍ରିୟ ଭୂମିକା ଏବଂ ଦଳୀୟ କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ କାର୍ଯ୍ୟକାରୀ କରିବା ନେଇ ମତବିନିମୟ ହୋଇଥିଲା। ବୈଠକରେ ଜିଲା ସାଧାରଣ ସମ୍ପାଦକ ଅଜିତ କିଶୋର ଚଲାନ ମଂଚ ପରିଚାଳନା କରିଥିଲେ। ଜିଲା ଉପସଭାପତି ଦେବଦେବ ପ୍ରସାଦ ସିଂଦେଓ, ରତ୍ନାନନ୍ଦ ମନହିରା, ଅବନି ଯୋଶୀ, ଜିଲା ସମ୍ପାଦକ ପ୍ରିୟରଞ୍ଜନ ମେହେର, ସଙ୍ଗୀତା ମାଝୀ, ପୂର୍ବତନ ଜିଲା ସଭାପତି ସୁବ୍ରତ ଠାକୁର, ଶିବପ୍ରସାଦ ମୁଣ୍ଡ, ଅତିନ୍ଦ୍ରଜିତ ସିଂହ ଏବଂ ଜିଲା ଚିକିତ୍ସା ପ୍ରକୋଷ୍ଠ ସଂଯୋଜକ ଡା. ସିଦ୍ଧାର୍ଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ୯ଟି ମଣ୍ଡଳର ସଭାପତି ନୀଳାମ୍ବର ମେହେର, ପୁସ୍ତମ ମଶ୍ରା, କୃତିବାସ ତେଜି, କୁମ୍ଭ ବାଗ, ଜୟରାମ କୈବର୍ତ, ସୁଶାନ୍ତ ବିଶି, ଯୁଧିଷ୍ଠିର ହଂସ ଓ ରତ୍ନାକର ହଂସଙ୍କ ସମେତ ପୂର୍ବତନ ବ୍ଲକ୍ ଅଧକ୍ଷ ବାଲକୃଷ୍ଣ ସବର, ମଣ୍ଡଳସ୍ତରୀୟ ପଦାଧିକାରୀ ଓ ବହୁ କାର୍ଯ୍ୟକର୍ତା ଯୋଗଦେଇଥିଲେ। ବୈଠକରେ ତୃଣମୂଳସ୍ତରରେ ସଂଗଠନକୁ ଅଧିକ ସକ୍ରିୟ କରିବା, କାର୍ଯ୍ୟକର୍ତାଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଏବଂ ଜନସମ୍ପର୍କ ଓ ସେବାମୂଳକ କାର୍ଯ୍ୟକୁ ବ୍ୟାପକ କରିବା ନେଇ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା।



କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନରେ ୨୫ ଟିକିଆ ହାତୀପଲର ଉପଦ୍ରବ। ବଣକାଟି-ଝାଲିଆବେଡା ଜଙ୍ଗଲରୁ ବାହାରି ଧାନ ଫସଲ ଖାଇ ଦଳି ଚକଟି ନଷ୍ଟ କଲା ପରେ ଆଜି ଭୋର୍ ସକାଳରେ ବଣକାଟି ଜଙ୍ଗଲ ମଧରେ ଥିବା ପୋଖରୀରେ ଜଳକ୍ରୀଡ଼ା କରୁଥିବା ଦେଖିବାକୁ ମିଳିଛି।

## ଘାଟମାଳରେ ହାତୀ ଉପଦ୍ରବ, ଧାନ ଚାଷ ନଷ୍ଟ

ନୂଆପଡ଼ା,୨୧/୯(ନି/ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ରେଞ୍ଜ ସୀମାନ୍ତ ଇଲାକାରେ ହାତୀ ଉପଦ୍ରବା ଛତିଶଗଡ ପଟୁ ଆସିଛି ହାତୀପଲ। ରାତି ରେ ଆସି ଘାଟମାଳ ଗାଁର କିଛି ଚାଷୀଙ୍କ ଧାନ ଫସଲ ନଷ୍ଟ କରିଛି । ଫଳିଲା ଧାନକୁ ଖାଇବା ସହ ଧାନ ଗଛକୁ ଦଳି ଚକଟି ନଷ୍ଟ କରିଛି । ଜଙ୍ଗଲ କୁ ଲାଗିରହିଥିବା ଧାନ ଚାଷକୁ ବ୍ୟାପକ କ୍ଷତି କରିଛି ହାତୀ। ରାତିରେ ହାତୀ ଆସୁଥିବାରୁ ଗାଁ ଲୋକେ ମଧ ଭୟଭୀତ ଅଛନ୍ତି। ଚାରି ଟି ହାତୀ ଥିବା ଅନୁମାନ କରିଛନ୍ତି ଲୋକେ। ଖବର ପାଇ ବନ ବିଭାଗ ଟିମ ହାତୀପଲର ଗତିବିଧି ଉପରେ ନଜର ରଖିଛନ୍ତି। ସେପଟେ ଚାଷୀ କ୍ଷତି ପୂରଣ ପାଇଁ ଦାବୀ କରିଛନ୍ତି।

# ଭାସ୍କେଲ ନଦୀରେ ଭାସିଯାଇ ଜଣେ ବ୍ୟକ୍ତି ନିଖୋଜ

## ୨ ଦିନ ହେଲାଣି ଅଗ୍ନିଶମ ବାହିନୀର ଅପରେସନ ଜାରି



କୋଷାଗୁମୁଡା/କୋଡିଙ୍ଗା,୨୧/୯(ନି/ପ୍ର): ନବରଙ୍ଗପୁରଜିଲ୍ଲା କୋଷାଗୁମୁଡା ବ୍ଲକ ଭାସ୍କେଲ ନଦୀର ଖଗୁଗୁଡା ଘାଟରେ ଏକୋରୀ ଗ୍ରାମକୁ ଆସୁଥିବା ବେଳେ ସନ୍ଧ୍ୟା ସମୟରେ ଜଣେ ବ୍ୟକ୍ତି ଭାସିଯାଇଥିଲା। ବ୍ୟକ୍ତି ଜଣଙ୍କ ଏକୋରୀ ଗ୍ରାମର ହରି ଭତ୍ରା (୪୫)। ସୂଚନା ଅନୁସାରେ ଗତ କାଲି ହରି ଭତ୍ରା କୌଣସି କାମରେ ନଦୀ ଆର ପାରିରେ ଥିବା ସାନଗୁମୁଡା ଗ୍ରାମକୁ ଯାଇ ସନ୍ଧ୍ୟା ସମୟରେ ଏକୋରୀ ଗ୍ରାମକୁ ଫେରୁଥିଲା। ଭାସ୍କେଲ ନଦୀର ଖଗୁଗୁଡା ଘାଟ ପାର ହେଉଥିବା ବେଳେ ପାଣିର ସ୍ରୋତରେ ଭାସି ଯାଇଥିବା ପରିବାର ଲୋକ କୋଷାଗୁମୁଡା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ତୁରନ୍ତ ଅଗ୍ନିଶମ ବାହିନୀ ପହଚିଂ ବୋଟ ସାହାଯ୍ୟରେ ନଦୀରେ ଖୋଜିବାର କିଛି ସମୟ ପରେ ଘଡ଼ଘଡ଼ି, ବର୍ଷା ପବନ ହେବାରୁ ଖୋଜିବା ଅସମ୍ଭବ ହୋଇଥିଲା। ପୁଣି ଆଜି ସକାଳୁ ଖୋଜିବା ଆରମ୍ଭ ଚାଲିଛି। ଏପଟେ ପରିବାର ଲୋକ ଚିନ୍ତାରେ ଅଛନ୍ତି। ଖବର ଲେଖା ହେବା ସୁଦ୍ଧା ଅଗ୍ନିଶମ ବିଭାଗ ତରଫରୁ ଅପରେସନ ଚାଲୁ ରହିଛି।

## ପୂର୍ବତନ କାଉନସିଲର ବୈଷ୍ଣବ ପଣ୍ଡାଙ୍କ ବିୟୋଗ

କେନ୍ଦ୍ରାପଡ଼ା,୨୧/୯(ନି/ପ୍ର): କେନ୍ଦ୍ରାପଡ଼ା ପୌରପରିଷଦର ପ୍ରାକ୍ତନ କାଉନସିଲର, ବରିଷ୍ଠ କଂଗ୍ରେସ ନେତା ତଥା ସମାଜସେବୀ ବୈଷ୍ଣବ ପଣ୍ଡାଙ୍କ ୭୯ବର୍ଷ ବୟସରେ ବାର୍ଦ୍ଧକ୍ୟ ଜନିତ ରୋଗରେ ବିୟୋଗ ହୋଇଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ବାପି, ପପି ଓ କାଳିଆ, ଝିଅ, ଜ୍ୱାଇଁ, ନାତି, ନାତୁଣୀଙ୍କ ସମେତ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ପୌରାଂଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଭାବରେ ପରିଚିତ ଥିଲେ।

# ଆଇନ ସଚେତନତା ଶିବିର

ଜୟପୁର,୨୧/୯(ନି/ପ୍ର):ଏ.ସି. ଡି. ଆକ୍ରମଣ ଏବଂ ପକ୍ସୋ ଆଇନ ବିଷୟ ରେ ସଚେତନତା ଶିବିର ଜିଲ୍ଲା ଆଇନ ସେବା ପ୍ରାଧିକରଣ,କୋରାପୁଟ, ଜୟପୁର ଆନୁକୂଲ୍ୟରେ ଆଜି ପି. ଏମ୍ ଶ୍ରୀ ହାଇସ୍କୁଲ ଗଡ଼ପଦର ଠାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୂଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବିଚାରପତି ପ୍ରଦ୍ୟୋମୟୀ ସୁଜତା ଯୋଗଦେଇଥିଲେ। ଏବଂ ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା କମିଟି କୋରାପୁଟ, ଅଧକ୍ଷ୍ୟଓ ଡ. ବି ଗାୟତ୍ରୀ ଦେବୀ, ସଦର ଥାନା ଜୟପୁର ଆଇ. ଆଇ. ସି, ଶ୍ରୀଗଙ୍ଗା ଯୋଗଦେଇଥିଲେ। ତାସହିତ ଗଡପଦର ହାଇସ୍କୁଲ ପ୍ରଧାନ ଶିକ୍ଷକ ଦୀଲ୍ଲୀପ କୁମାର ପଣ୍ଡା ଶିବିରରେ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଏ. ସି.ଡି ଆକ୍ରମଣ ଓ ତାର ପ୍ରତିକାର, ଦଣ୍ଡବିଧାନ ଏବଂ ପକ୍ସୋ ଆଇନ ଅନୁଶାରେ ଦୋଷି କୁ ଦଣ୍ଡ ଦିଆଯାଇଥାଏ। ଏସିଡ୍ ଆକ୍ରମଣ ପୀଡିତାଙ୍କୁ ମାଗଣା ଚିକିତ୍ସା ପ୍ରଦାନ ଏବଂ ଏସିଡ୍ ଆକ୍ରମଣ ପୀଡିତାଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ। ତେଣୁ ରାଜ୍ୟଗୁଡ଼ିକୁ ଏସିଡ୍ ଆକ୍ରମଣ ମାମଲାର ତଦନ୍ତ, ବିଚାରକୁ ତ୍ୱରାନ୍ୱିତ କରିବା ଏବଂ ସେଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆଣିବା ପାଇଁ ସକ୍ରିୟ ପଦକ୍ଷେପ ନେବାକୁ ପଡିବ। ଯେଉଁ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକ ଭିସିଏସ ଗଠନ କରିଛନ୍ତି କିମ୍ବା ଗଠନ କରିବା ପ୍ରକ୍ରିୟାରେ ଅଛନ୍ତି, ସେମାନଙ୍କୁ ମଧ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ପଡିବ ଯେଉଁଠାରେ ଏସିଡ୍ ଆକ୍ରମଣ ପୀଡିତାଙ୍କୁ ପରବର୍ତୀ ଯତ୍ନ ଏବଂ ପୁନର୍ବାସ ଖର୍ଚ୍ଚ ଭାବରେ ସମ୍ପୃକ୍ତ ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଂଚଳ ଦ୍ୱାରା ଅତି କମରେ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ। ଏଥିରୁ ଏପରି ଘଟଣା ଘଟିବାର ୧୫ ଦିନ ମଧରେ (କିମ୍ବା ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଂଚଳର ନଜରକୁ ଅଣାଯିବା) ପୀଡିତାଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ ଯାହା ଦ୍ୱାରା ତୁରନ୍ତ ଚିକିତ୍ସା ଏବଂ ଏହି ସମ୍ବନ୍ଧୀୟ ଖର୍ଚ୍ଚ ସହଜ ହୋଇପାରିବ। ବାକି ୨ ଲକ୍ଷ ଟଙ୍କା ଯଥାସମ୍ଭବ ଶୀଘ୍ର ଏବଂ ତା'ପରେ ଦୁଇ ମାସ ମଧରେ ସକାରାତ୍ମକ ଭାବରେ ପ୍ରଦାନ କରାଯିବା ଉଚିତ ।

# ଶ୍ରୀ ଗଣେଶ ଭସାଣୀ ଉତ୍ସବ, କମ୍ପୁଛି କେନ୍ଦ୍ରାପଡ଼ା ସହର

କେନ୍ଦ୍ରାପଡ଼ା,୨୧/୯(ନି/ପ୍ର): ଶ୍ରୀ ଗଣେଶ ଚତୁର୍ଥୀ ଠାରୁ କେନ୍ଦ୍ରାପଡ଼ା ସହରରେ ବିଭିନ୍ନ ମଣ୍ଡପରେ ପୂଜା ପାଇ ଆସୁଥିବା ଗଣେଶ ମୂର୍ତ୍ତିମାନଙ୍କର ଆଜି ଭସାଣୀ ଉତ୍ସବ ମହା ଆଡ଼ମ୍ବର ଓ ଜାକଜକମର ସହ ଅନୁଷ୍ଠିତ ହେଉଛି। ଏହି ଭସାଣୀ ଉତ୍ସବରେ ପ୍ରାୟ ୩୨ଟି ଗଣେଶ ମେଢ଼ ଭାଗ ନେଇ ନିଜ ନିଜ ମଣ୍ଡପରୁ ଶୋଭାଯାତ୍ରାରେ ଆସି ପୁରୁଣା ବସ୍‌ଷ୍ଟାଣ୍ଡ ମେଲଣ ପଡ଼ିଆରେ ଏକତ୍ରିତ ହେବାରେ ଲାଗିଛନ୍ତି। ସହରର ସୁନେଇଲୋ, ଏକଣାଖଣ୍ଡି, ସାନମଙ୍ଗଳା, ବଡ଼ ମଙ୍ଗଳା, ଅଯୋଧା ନଗର, ଗୋପ, ଭଗେଶ୍ୱର ପୁର, କେଶପୁର ବଜାର, ବାସୁଳେଇ ପ୍ରଭୃତି ଗ୍ରାମମାନଙ୍କରେ ଥିବା କ୍ଲବ ଓ ଯୁବକ ସଂଘ ପକ୍ଷରୁ ପ୍ରାୟ ୧୮ଟି ମେଢ଼ କରାଯାଇ ଥିବାବେଳେ ପୁରୁଣା ବସ୍‌ଷ୍ଟାଣ୍ଡ, ନୂଆ ବସ୍‌ଷ୍ଟାଣ୍ଡ, ମୀରପାଟଣା, ବଡହାଟ ପ୍ରଭୃତି ଅଂଚଳରେ ୧୪ଟି ମେଢ଼ କରାଯାଇ ଥିବା ସୂଚନା ମିଳିଛି। ପ୍ରଶାସନ ସହ ନିଷ୍ପତି କ୍ରମେ ଶନିବାର ସକାଳ ୬ଟା ଠାରୁ ରବିବାର ସକାଳ ୬ଟା ଭିତରେ ସମସ୍ତ ମେଢ଼ ମେଲଣରେ ଭାଗ ନେଇ ନିଜ ନିଜ ଭସାଣୀ ଘାଟରେ ମୂର୍ତ୍ତିମାନଙ୍କୁ ବିସର୍ଜନ ଦେବେ। ଆଜିର ଶୋଭାଯାତ୍ରାରେ ନିଜ ନିଜ ମେଢ଼ ସହିତ ଯୁବକ ସଂଘର ସଦସ୍ୟ ଓ କ୍ଲବମାନଙ୍କର ସଦସ୍ୟମାନେ ଶୋଭାଯାତ୍ରାରେ ବାଜା ରୋସଣୀ ସହ ନୃତ୍ୟ, ସଙ୍ଗୀତ ଓ ଆଲୋକ ସଜ୍ଜା ସହ ଭାଗ ନେଇ ମେଲଣ ପଡ଼ିଆ ଅଭିମୁଖେ ଆସୁଥିବାର ଦେଖିବାକୁ ମିଳିଛି। ଏହି ଭସାଣୀ ଉତ୍ସବରେ ସଙ୍ଗୀତ ପରିବେଷଣ ପାଇଁ ଗଞ୍ଜାମ, ଆନ୍ଧ୍ର, ଛତିଶଗଡ଼ ପ୍ରଭୃତି ଅଂଚଳର ବ୍ୟାଣ୍ଡ ପାର୍ଟିମାନେ ଯୋଗ ଦେଇଥିବା ଓ ପାରମ୍ପରିକ ଢୋଲ, ମାଦଳ, ଘଂଟ ବାଦ୍ୟ ଦଳମାନେ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଛି। ପୋଲିସ ପ୍ରଶାସନ ପକ୍ଷରୁ ଭଷାଣୀ ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇ ଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଦିନକ ପାଇଁ ମଦ ଦୋକାନ ଓ ନିଶାଦ୍ରବ୍ୟ କାରବାର ଉପରେ କଟକଣା ଜାରି କରାଯାଇଛି। ଏହି ଭସାଣୀ ଉତ୍ସବ ଦେଖିବା ପାଇଁ ସହରର ଆଖପାଖ ଅଂଚଳର ଗ୍ରାମମାନଙ୍କରୁ ବହୁ ସଂଖ୍ୟାରେ ମହିଳା, ପୁରୁଷ ଓ ଛୋଟପିଲାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିବା ଜଣାପଡ଼ିଛି। ରିପୋର୍ଟ ଲେଖା ହେଲାବେଳକୁ ଶାନ୍ତି ଶୃଙ୍ଖଳାର ସହ ଭସାଣୀ ଉତ୍ସବ ଅନୁଷ୍ଠିତ ହେଉଥିବା ସୂଚନା ମିଳିଛି।

# ବିବିଧା



## ବୃଦ୍ଧଙ୍କ ପିତ୍ତକୋଷରୁ ବାହାରିଲା ୨୦୦୦ ପଥର

ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ପୁଣି ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି । ଜଣେ ୮୩ ବର୍ଷୀୟ ବୃଦ୍ଧଙ୍କ ପିତ୍ତକୋଷରୁ ସର୍ଜରି ଜରିଆରେ ପ୍ରାୟ ୨,୦୦୦ ଛୋଟ ଛୋଟ ପଥର ବାହାର କରାଯାଇଛି। ଦୀର୍ଘ ୬ ବର୍ଷ ଧରି ଅସହ୍ୟ ପେଟ ଯନ୍ତ୍ରଣାରେ ଛଟପଟ ହେଉଥିବା ଏହି ବୃଦ୍ଧ ଜଣକ ଶେଷରେ ଡାକ୍ତରଙ୍କ ସଫଳ ଅସ୍ତ୍ରୋପଚାର ପରେ ଏହି ବଡ଼ କଷ୍ଟରୁ ମୁକ୍ତି ପାଇଛନ୍ତି । ଯଶୋଦା ମେଡିସିଟି ହସ୍ପିଟାଲର ବିଶେଷଜ୍ଞ ଡାକ୍ତରୀ ଦଳ ଏହି ଜଟିଳ ଅସ୍ତ୍ରୋପଚାର କରିଛନ୍ତି । ଗଲବ୍ଲାଡର ଭିତରୁ ଏତେ ବଡ଼ ସଂଖ୍ୟାରେ ପଥର ବାହାରିବା ଏକ ବିରଳ ଏବଂ ଅସାଧାରଣ ମାମଲା ବୋଲି ଚିକିତ୍ସା କରୁଥିବା ଡାକ୍ତର ପ୍ରକାଶ କରିଛନ୍ତି । ସୂଚନା ଅନୁଯାୟୀ, ରୋଗୀ ଜଣକ ହେଉଛନ୍ତି ଉତ୍ତର ପ୍ରଦେଶର ବୁଲନ୍ଦସହର ଅଞ୍ଚଳର ଜଣେ ପ୍ରତିଷ୍ଠିତ ଓକିଲ । ଦୀର୍ଘ ବର୍ଷ ହେଲା ସେ ପେଟର ଉପର ଭାଗରେ ଭୀଷଣ ଯନ୍ତ୍ରଣା ଅନୁଭବ କରୁଥିଲେ। ଏହା ସହିତ ପିଠିରେ ପ୍ରବଳ କଷ୍ଟ ଏବଂ ଛାତିରେ କଷ୍ଟ ଅନୁଭବ ହେଉଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ଏହି ସବୁ ଲକ୍ଷଣକୁ ସାଧାରଣ ଗ୍ୟାସ୍ ବା ପାଚନ ଜନିତ ସମସ୍ୟା ଭାବି ଅଣଦେଖା କରି ଚାଲିଥିଲେ । ମାତ୍ର ସମୟ ସହିତ ଯନ୍ତ୍ରଣା ଅସହ୍ୟ ହେବାରୁ ସେ ଡାକ୍ତରଙ୍କ ପାଖକୁ ଯାଇଥିଲେ । ଡାକ୍ତରଖାନାରେ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଓ ସ୍କାନିଂ କରାଯିବା ପରେ ରିପୋର୍ଟ ଦେଖି ଡାକ୍ତରମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ବୃଦ୍ଧଙ୍କ ଗଲବ୍ଲାଡରଟି ଛୋଟ ଛୋଟ ପଥରରେ ଭର୍ତ୍ତି ହୋଇଯାଇଥିଲା, ଯେଉଁଥିପାଇଁ ଶରୀରରେ ଭୀଷଣ ସଂକ୍ରମଣ ଏବଂ କଷ୍ଟ ହେଉଥିଲା । ଗଲବ୍ଲାଡରରୁ ବାହାରିଥିବା ଏହି ପଥରଗୁଡ଼ିକର ଆକାର ଛୋଟ ସୋରିଷ ଦାନାଠାରୁ ଆରମ୍ଭ କରି ବୁଟ ଆକୃତି ପର୍ଯ୍ୟନ୍ତ ଥିଲା । ଏହି ସମସ୍ତ ପଥରର ମୋଟ୍ ଓଜନ ପ୍ରାୟ ୧୫୦ ରୁ ୨୦୦ ଗ୍ରାମ ଥିବା ଜଣାପଡ଼ିଛି । ରୋଗୀଙ୍କ ବୟସ ୮୩ ବର୍ଷ ହୋଇଥିବାରୁ ଏହି ସର୍ଜରି ଡାକ୍ତରଙ୍କ ପାଇଁ ଏକ ବଡ଼ ଆହ୍ୱାନ ଥିଲା । କିନ୍ତୁ, ଯଶୋଦା ମେଡିସିଟିର ଅଭିଜ୍ଞ ଡାକ୍ତରୀ ଦଳ ଆଧୁନିକ ଚିକିତ୍ସା ପଦ୍ଧତି ଆପଣାଇଥିଲେ। ଦୀର୍ଘ ଦେଢ଼ ଘଣ୍ଟା ଧରି ଚାଲିଥିବା ଏକ ଜଟିଳ ଲାପାରୋସ୍କୋପିକ୍ ପ୍ରକ୍ରିୟା ଜରିଆରେ ଗଲବ୍ଲାଡରକୁ କାଟି ସମସ୍ତ ୨ ହଜାର ପଥରକୁ ସଫଳତାର ସହ ବାହାର କରାଯାଇଛି । ବର୍ତ୍ତମାନ ବୃଦ୍ଧ ଜଣକ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ବହୁ ବର୍ଷର ପୁରୁଣା କଷ୍ଟଦାୟକ ଯନ୍ତ୍ରଣାରୁ ମୁକ୍ତି ପାଇଥିବାରୁ ଡାକ୍ତରୀ ଦଳକୁ କୃତଜ୍ଞତା ଜଣାଇଛନ୍ତି । ସେପଟେ ଡାକ୍ତରମାନେ ପରାମର୍ଶ ଦେଇଛନ୍ତି ଯେ, ପେଟ ଯନ୍ତ୍ରଣା କିମ୍ବା ପିଠି ଯନ୍ତ୍ରଣାକୁ ଦୀର୍ଘ ସମୟ ଧରି ଅଣଦେଖା ନକରି ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ, ନଚେତ୍ ଏହା ଭବିଷ୍ୟତରେ ପ୍ରାଣଘାତୀ ରୂପ ନେଇପାରେ ।



## ପ୍ୟାରିସ୍ ଫ୍ୟାଶନ୍ ଉଇକ୍‌ରେ ପ୍ରିୟଙ୍କା-ନିକ୍‌ଙ୍କ ଜଲୱା

ପ୍ରିୟଙ୍କା ଚୋପ୍ରା ପ୍ୟାରିସ୍ ଫ୍ୟାଶନ୍ ଉଇକ୍‌ରେ ଯୋଗ ଦେଇଥିଲେ। ସେ ଏହି କାର୍ଯ୍ୟକ୍ରମର କିଛି ଫଟୋ ସୋସିଆଲ ମିଡିଆରେ ସେୟାର କରିଥିଲେ। ସ୍ୱାମୀ ନିକ୍ ଜୋନାସଙ୍କ ସହିତ ପ୍ରିୟଙ୍କା ଚୋପ୍ରାଙ୍କ ଷ୍ଟାଇଲିସ୍ ପ୍ରବେଶ ସମସ୍ତଙ୍କୁ ମୋହିତ କରିଥିଲା। କାର୍ଯ୍ୟକ୍ରମରେ ଆଗ ଧାଡ଼ିରେ ବସିଥିବା ଏହି ଷ୍ଟାର ଦମ୍ପତି ସେମାନଙ୍କର ନିଖୁଣ ଫ୍ୟାଶନ୍ ସେନ୍ସ ପ୍ରଦର୍ଶନ କରିଥିଲେ। ସୋସିଆଲ୍ ମିଡିଆରେ ପ୍ରିୟଙ୍କା ଚୋପ୍ରା ଏବଂ ନିକ୍ ଦୁହେଁ ହାତ ଧରିଥିବାର ଦେଖାଯାଇଛି। ପ୍ରିୟଙ୍କା ଚୋପ୍ରା ଏକ କମଳା ରଙ୍ଗର ଗାଉନ୍ ଏବଂ ସନଗ୍ଲାସ୍ ପିନ୍ଧିଥିଲେ। ନିକ୍ ଜୋନାସ୍ ଏକ କ୍ଲାସିକ୍ ଗ୍ରେ ସୁଟ୍ ପିନ୍ଧିଥିଲେ। ତାଙ୍କ ଜୋଡା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଘଟଣାସ୍ଥଳରେ ପହଞ୍ଚିବା ପରେ ପ୍ରିୟଙ୍କା ଏବଂ ନିକ କ୍ୟାମେରା ଆଗରେ ପୋଜ୍ ଦେଇଥିଲେ। ଜଣେ ଭଲ ସ୍ୱାମୀଙ୍କ ପରି ନିକ ତାଙ୍କ ପତ୍ନୀଙ୍କ ଅଣ୍ଟାରେ ହାତ ରଖି ଫଟୋ ପାଇଁ ପୋଜ୍ ଦେଇଥିଲେ। ଫଟୋ ସେସନ୍ ପରେ, ଦମ୍ପତି ସ୍ଥାନ ଭିତରକୁ ଯାଇ ସେମାନଙ୍କ ଆଗ ଧାଡ଼ିରେ ବସିଥିଲେ । ପ୍ରିୟଙ୍କା ଚୋପ୍ରା ତାଙ୍କ ପୋଷ୍ଟରେ ଲେଖିଛନ୍ତି, 'ନିକ୍ ଜୋନାସ୍, ଏହି ଚମତ୍କାର ସଂଗ୍ରହ ପାଇଁ ଧନ୍ୟବାଦ।' ସେ କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ନିଜର ଏକ ଫଟୋ ମଧ୍ୟ ପୋଷ୍ଟ କରିଥିଲେ। ସେ ତାଙ୍କ ଝିଅ ମାଲତୀଙ୍କୁ ମଧ୍ୟ ନିଜ ସହିତ ନେଇଥିଲେ। ସେ ତାଙ୍କର ଏକ ଫଟୋ ମଧ୍ୟ ସେୟାର କରିଥିଲେ।

## କେଉଁ ଦିଗରେ ଶୟନ କରିବେ ଜାଣନ୍ତୁ...



**ପୂର୍ବ ଦିଗ:** ଏହି ଦିଗକୁ ମୁଣ୍ଡ କରି ଶୋଇଲେ ବିଦ୍ୟା, ଧନ ଓ ଆୟୁଷ ବୃଦ୍ଧି ହୁଏ।

**ପଶ୍ଚିମ ଦିଗ:** ଏହି ଦିଗକୁ ମୁଣ୍ଡ କରି ଶୋଇଲେ ଦୁଃଶ୍ଚିନ୍ତା ଓ ଦୁଃସ୍ୱପ୍ନ ଆସେ।

**ଉତ୍ତର ଦିଗ:** ଏହି ଦିଗକୁ ମୁଣ୍ଡ କରି ଶୋଇଲେ ମୃତ୍ୟୁପୀଡା ଓ ଆୟୁଷ ହାନି ହୁଏ।

**ଦକ୍ଷିଣ ଦିଗ:** ଏହି ଦିଗକୁ ମୁଣ୍ଡ କରି ଶୋଇଲେ ବିଦ୍ୟା, ବଳ ଓ ଆୟୁଷ ବୃଦ୍ଧି ହୁଏ।



## ବଲିଉଡରେ ଲିଙ୍ଗଗତ ବୈଷମ୍ୟ ନେଇ ମୁହଁ ଖୋଲିଲେ କ୍ରୀ[redacted]

ବଲିଉଡର ଲୋକପ୍ରିୟ ଅଭିନେତ୍ରୀ କ୍ରୀତି ସାନନ୍ ନିକଟରେ ହିନ୍ଦୀ ଚଳଚ୍ଚିତ୍ର ଜଗତରେ ଥିବା ଲିଙ୍ଗଗତ ବୈଷମ୍ୟ ନେଇ ମୁହଁ ଖୋଲିଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ, ଫିଲ୍ମ ସେଟ୍‌ରେ ମହିଳା କଳାକାରମାନଙ୍କୁ ଅନେକ ସମୟରେ ହାଲୁକା ଭାବେ ନିଆଯାଏ ଏବଂ ସେମାନଙ୍କୁ କମ୍ ଗୁରୁତ୍ୱ ଦିଆଯାଏ। ତାଙ୍କର ଏହି ବୟାନ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। କ୍ରୀତିଙ୍କ ଅନୁଯାୟୀ, ଫିଲ୍ମ ସେଟ୍‌ରେ ପୁରୁଷ ଏବଂ ମହିଳା ତାରକାମାନଙ୍କ ପ୍ରତି ବ୍ୟବହାରରେ ଆକାଶ ପାତାଳ ଫରକ ଦେଖିବାକୁ ମିଳେ। ସେ କହିଛନ୍ତି ଯେ, 'ଆସିଷ୍ଟାଣ୍ଟ ଡିରେକ୍ଟର କିମ୍ବା ସହକାରୀ ନିର୍ଦ୍ଦେଶକମାନେ ପୁରୁଷ ତାରକାମାନଙ୍କୁ ଭୟ କରନ୍ତି। କିନ୍ତୁ ମହିଳା ଅଭିନେତ୍ରୀମାନଙ୍କ କ୍ଷେତ୍ରରେ ସେଭଳି କିଛି ଦେଖିବାକୁ ମିଳେନାହିଁ, ଯାହା ଫଳରେ ସେମାନଙ୍କୁ ସହଜରେ ଅଣଦେଖା କରାଯାଇଥାଏ।' ବଲିଉଡର ଦ୍ୱୈତ ମାନଦଣ୍ଡ ଉପରେ ପ୍ରଶ୍ନ ଉଠାଇ କ୍ରୀତି ଏକ ବଡ଼ କଥା କହିଛନ୍ତି। ସେ କହିଛନ୍ତି, ଯଦି ଜଣେ ନାୟକ କୌଣସି ବିଷୟରେ ପ୍ରଶ୍ନ କରନ୍ତି, ତେବେ ତାଙ୍କୁ 'ପ୍ରୋଫେସନାଲ୍' ବା ପେସାଦାର ବୋଲି ଧରିନିଆଯାଏ। ମାତ୍ର ଯଦି ଜଣେ ନାୟିକା ନିଜର ମତ ରଖନ୍ତି କିମ୍ବା ପ୍ରଶ୍ନ କରନ୍ତି, ତେବେ ତାଙ୍କୁ 'ବେଶି କଥା କହୁଥିବା' ବ୍ୟକ୍ତି ଭାବରେ ବିଚାର କରାଯାଏ। ନିଜ ଜୀବନର ଅନୁଭୂତି ବାଣ୍ଟି କ୍ରୀତି ସାନନ୍ କହିଛନ୍ତି ଯେ, ସେ ଇଞ୍ଜିନିୟରିଂ କଲେଜରେ ପଢ଼ିଛନ୍ତି ଏବଂ ମଡେଲିଂ ମଧ୍ୟ କରିଛନ୍ତି। କିନ୍ତୁ ଏସବୁ କ୍ଷେତ୍ର ତୁଳନାରେ ବଲିଉଡରେ ତାଙ୍କୁ ସବୁଠାରୁ ଅଧିକ ଚାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଛି। ବିଶେଷକରି ଫିଲ୍ମ ସେଟ୍‌ରେ ଥିବା ଏହି ଭେଦଭାବ ତାଙ୍କୁ ଅନେକ ସମୟରେ ନିରାଶ କରିଛି ବୋଲି ସେ ପ୍ରକାଶ କରିଛନ୍ତି।

## ବାହା ହେଲେ ଅର୍ଜ୍ଜୁନ କପୁରଙ୍କ ଭଉଣୀ

ପ୍ରଯୋଜକ ବୋନି କପୁର ତଥା ବଲିଉଡ ଅଭିନେତା ଅର୍ଜ୍ଜୁନ କପୁରଙ୍କ ଭଉଣୀ ଅଂଶୁଲା କପୁର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ସେ ମୁମ୍ବାଇର ତାଜ ହୋଟେଲରେ ତାଙ୍କ ଦୀର୍ଘଦିନର ପ୍ରେମିକ ରୋହନ ଠକ୍କରଙ୍କୁ ବିବାହ କରିଛନ୍ତି। ଉଭୟ ପାରମ୍ପରିକ ହିନ୍ଦୁ ରୀତିନୀତି ଅନୁସାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଅଂଶୁଲା ବିବାହରେ ଏକ ସୁନ୍ଦର ଗୋଲାପୀ 'ଲେହେଙ୍ଗା' ଏବଂ ରୋହନ 'ଶେରୱାନି' ପିନ୍ଧିଥିବା ଦେଖିବାକୁ ମିଳିଥିଲା। ସୋସିଆଲ ମିଡିଆରେ ତାଙ୍କ ବିବାହ





ଫଟୋ ଶେୟାର କରି ଅଂଶୁଲା ରୋହନଙ୍କ ପାଇଁ ଏକ ହୃଦୟସ୍ପର୍ଶୀ ନୋଟ ଲେଖିଛନ୍ତି। ତାଙ୍କ ପୋଷ୍ଟରେ ସେ ଲେଖିଛନ୍ତି, ୦୬.୦୭.୨୦୨୬। ଏତେ ଲୋକଙ୍କ ମଧ୍ୟରୁ, ଅନେକ ସ୍ଥାନ୍ ଏବଂ ସମୟର ଏତେ ମୁହୂର୍ତ୍ତ ମଧ୍ୟରୁ... କେବଳ ତୁମେ ଥିଲ। ପ୍ରତ୍ୟେକ ଉତ୍ଥାନପତନ ଏବଂ ମୋଡ଼ ମଧ୍ୟରେ କେବଳ ତୁମେ ମୋର ସବୁଠାରୁ ସୁରକ୍ଷିତ ସ୍ଥାନ। ମୋର ସବୁଠାରୁ ସହଜ ପସନ୍ଦ। ସବୁବେଳେ ତୁମେ। ବିବାହରେ ବୋନିଙ୍କ ୨ ଝିଅ ଖୁସି ଏବଂ ଜାହ୍ନବୀଙ୍କୁ ମଧ୍ୟ ଭଉଣୀର କର୍ତ୍ତବ୍ୟ ସଠିକ୍ ଢଙ୍ଗରେ ନିଭାଉଥିବା ଦେଖାଯାଇଥିଲା। ଅଂଶୁଲାଙ୍କ ସ୍ୱାମୀ ରୋହନ ମଧ୍ୟ ଫିଲ୍ମ ଶିଳ୍ପର ଏକ ଅଂଶ। ରୋହନ ପେଶାରେ ଜଣେ ଚିତ୍ରନାଟ୍ୟ ଲେଖକ ଏବଂ କରଣ ଜୋହରଙ୍କ କମ୍ପାନୀ ଧର୍ମାଟିକ ଏଣ୍ଟରଟେନମେଣ୍ଟରେ କାମ କରନ୍ତି। ସେ 'ଦି ନୋଭେଲିଷ୍ଟ' (୨୦୧୬) ଏବଂ 'ନେଭର ଟୁ ଲେଟ' (୨୦୧୬) ଭଳି କ୍ଷୁଦ୍ର ଚଳଚ୍ଚିତ୍ର ପାଇଁ ସ୍କ୍ରିପ୍ଟ ଲେଖିଛନ୍ତି। ଅଂଶୁଲାଙ୍କ ସହ ତାଙ୍କ ପ୍ରେମ କାହାଣୀ ୨୦୨୨ ମସିହାରେ ଏକ ଡେଟିଂ ଆପ ମାଧ୍ୟମରୁ ଆରମ୍ଭ ହୋଇଥିଲା ଏହି ଦମ୍ପତି ୨୦୨୫ ମସିହାରେ ନିର୍ବନ୍ଧ କରିଥିଲେ।

ଉତ୍କଳ ସମାଚାର

## ସମ୍ପାଦକୀୟ...

**ମଙ୍ଗଳବାର ୨୨ ସେପ୍ଟେମ୍ବର ୨୦୨୬**

# ଯୁଦ୍ଧର ଅନ୍ତ କେବେ

ଚାଲି ରହିଛି, ୟୁକ୍ରେନ-ରୁଷିଆ, ହମାସ-ଇସ୍ରାଇଲ, ଇରାନ-ଇସ୍ରାଇଲ ଏବଂ ଏବେ ହୁତି ବିଦ୍‌ରୋହୀ-ସାଉଦି ଆରବ ମଧ୍ୟରେ ଯୁଦ୍ଧ । ଆଜି ଦୁନିଆ ଏକ ଅଶାନ୍ତ ଝଡ଼ର ତାଣ୍ଡବରେ ଦୋଦୁଲ୍ୟମାନ ଅବସ୍ଥା ଦେଇ ଗତି କରୁଛି । ମହାଶକ୍ତି ଗୁଡ଼ିକର ଆକ୍ରୋଶ, ଶାନ୍ତି ପ୍ରତିଷ୍ଠା କରିବା ବାହାନାରେ ଅନ୍ୟ ରାଷ୍ଟ୍ରର ଆଭ୍ୟନ୍ତରୀଣ କନ୍ଦଳ ଓ ଗୃହଯୁଦ୍ଧ ଗୁଡ଼ିକରେ ସେମାନଙ୍କର ଅବାଧ ପ୍ରବେଶ, ଆଇ.ଏସ୍.ପରି ତଥାକଥିତ ଜେହାଦୀ ସଂଗଠନ ନରହନ୍ତା ରାକ୍ଷସ ସାଜି ମାନବିକତା ବିରୁଦ୍ଧରେ କରୁଥିବା କୂଟଚକ୍ରାନ୍ତ ଇତ୍ୟାଦି କାର୍ଯ୍ୟକଳାପ ସ୍ପଷ୍ଟ ରୂପେ ଦର୍ଶାଉଛି ଯେ ଆଜି କାଲିର ଘଟଣା ବହୁଳ ସଂକଟଜନକ ପରିସ୍ଥିତି ବିଶ୍ୱ ଜଗତକୁ ପ୍ରଚଣ୍ଡ ଗତିରେ ମୁହାଁଉଥିବା ଭୟାବହ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଠେଲି ଦେଇଛି ।ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ସର୍ବୋଚ୍ଚ ମୁଖ୍ୟ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ସାହେବ ବିଗତ ଅନେକ ବର୍ଷ ହେଲା ଦୁନିଆ ପ୍ରତି ମାଡ଼ି ଆସୁଥିବା ଏହି ସବୁ ବିପଦ ସଂକ୍ରାନ୍ତରେ ପ୍ରତ୍ୟେକ ସାଧାରଣ ଓ ବ୍ୟକ୍ତି ବିଶେଷଙ୍କୁ ସତର୍କ କରାଇ ଆସୁଛନ୍ତି । କୌଣସି ହଟଚମଟ ସୃଷ୍ଟି କରିବା ପାଇଁ ନୁହେଁ, ବରଂ ଏହା ସୂଚାଇ ଦେବା ପାଇଁ ଯେ ଦୁନିଆ ଏହି ଅବସ୍ଥାରେ କିପରି ଆସି ପହଂଚିଲା ଏବଂ ଏବେ ସେହି ଧ୍ୱଂସ ମୁଖରୁ ପୃଥିବୀକୁ କିପରି ରକ୍ଷା କରାଯାଇ ପାରିବ ।ଦୁନିଆରେ ଶାନ୍ତି ଫେରାଇ ଆଣିବାକୁ ହେଲେ ଏକମାତ୍ର ଉପାୟ ହେଉଛି, ନ୍ୟାୟର ପନ୍ଥାକୁ ଆପଣାଇବା ତଥା ଅତି ବିନମ୍ର ଭାବରେ ଓ ଆଜ୍ଞାବହ ହୋଇ ଈଶ୍ୱରଙ୍କ ନିକଟରେ ସମର୍ପିତ ହେବା । ସେହିପରି ସମଗ୍ର ମାନବଜାତି ସହିତ ସହାନୁଭୂତି ପ୍ରଦର୍ଶନ କରିବା, ଦୁର୍ବଳ ଓ ଅସହାୟଙ୍କୁ ସାହାଯ୍ୟ କରିବା, ସେମାନଙ୍କୁ ଆଦର ସମ୍ମାନ ସହିତ ସେମାନଙ୍କ ଦୁଃଖରେ ସମଭାଗୀ ହେବା ସହିତ ଈଶ୍ୱର ଭୟ ରଖି ସତ୍ୟ ଓ ଧର୍ମ ପଥରେ ଚାଲିବା ଏବଂ ନିଷ୍ଠାପର ଭାବନା ନେଇ ନିଜର ପରମ ସ୍ରଷ୍ଟାଙ୍କ ନିକଟରେ ପ୍ରଣିପାତ ହେଲେ ଯାଇ ପ୍ରକୃତ ଶାନ୍ତିକୁ ପାଇ ପାରିବା ।ବର୍ତ୍ତମାନର ସମୟରେ ଅହମଦୀୟା ମୁସଲିମ ସଂପ୍ରଦାୟର ପଂଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ସାହେ ନିରନ୍ତର ଏହା ପ୍ରୟାସ କରିଚାଲିଛନ୍ତି କି କିପରି ଏ ତୃତୀୟ ମହା ବିଶ୍ୱଯୁଦ୍ଧ ନହେଉ । ସେଥି ପାଇଁ ସେ ସମସ୍ତ ରାଷ୍ଟ୍ର ମୁଖ୍ୟଙ୍କୁ ପତ୍ର ଲେଖି ସୂଚିତ କରାଉଛନ୍ତି । ଇସଲାମିକ ଗଣତନ୍ତ୍ର ରାଷ୍ଟ୍ର ଇରାନର ରାଷ୍ଟ୍ରପତିଙ୍କୁ ପତ୍ର ଲେଖି କହିଛନ୍ତି, ବର୍ତ୍ତମାନ ସବୁ ଆଡ଼ ପ୍ରବଳ ଉତେଜନା ଓ ଅଶାନ୍ତି ଦେଖା ଦେଇଛି । କେତେକ ଅଂଚଳରେ ଛୋଟ ଧରଣର ସଂଘର୍ଷର ସୂତ୍ରପାତ ହୋଇଛି ତ ଅନ୍ୟ କେତେକ ଅଂଚଳରେ ବଡ଼ ଧରଣର । ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ଶାନ୍ତି ରକ୍ଷା ପାଇଁ ଚେଷ୍ଟା ଚଳାଇ ଥିବାର ବାହାନା କରି ନିଜ ଶକ୍ତି ପୟୋଗ କରୁଛନ୍ତି ଓ ସେମାନଙ୍କର ଆଭ୍ୟନ୍ତରୀଣ କନ୍ଦଳରେ ଅଯଥା ହସ୍ତକ୍ଷେପ କରୁଛନ୍ତି । ଆଜି ଦୁନିଆର ପ୍ରତ୍ୟେକ ଦେଶ କୌଣସି ଅନ୍ୟ ଦେଶ ପ୍ରତି ଶତ୍ରୁତା ଆଚରଣ କରିବା ପାଇଁ ଅଂଟା ଭିଡ଼ି ବାହାରିଛି ତ ଅନ୍ୟ କୌଣସି ଦେଶକୁ ସମର୍ଥନ କରୁଛି । କିନ୍ତୁ ନ୍ୟାୟ ପ୍ରଦାନ କରିବାର ମୌଳିକ ଆବଶ୍ୟକତା ପ୍ରତି କୌଣସି ଗୁରୁତ୍ୱ ଦେଉନାହିଁ । ପୃଥିବୀର ସାମ୍ପ୍ରତିକ ପରିସ୍ଥିତିକୁ ଅନୁଧ୍ୟାନ କରି ମୋତେ ଅତି ଦୁଃଖର ସହିତ କହିବାକୁ ପଡୁଛି ଯେ ଅନ୍ୟ ଏକ ଯୁଦ୍ଧର ମୂଳଦୂଆ କେବେ ଠାରୁ ପଡ଼ିସାରିଲାଣି । ଅହମଦୀୟା ମୁସଲିମ ଖଲିଫା ତାଙ୍କ ଏକ ଭାଷଣରେ କହିଛନ୍ତି, ବିଗତ ଦୁଇଟି ବିଶ୍ୱଯୁଦ୍ଧର ଭୟାବହ ଧ୍ୱଂସଲୀଳା ସମ୍ବନ୍ଧରେ ଆମେ ମାନେ ଭଲ ଭାବରେ ସଚେତନ ଅଛୁ । ଅଥଚ ପରିତାପର ବିଷୟ ହେଉଛି ଯେ କେତେକ ଦେଶର ଜଟିଳ ଶାସନ ନୀତି ଓ ଗର୍ହିତ ଆଚରଣ ପୃଥିବୀର ଦିଗବଳୟରେ ଅନ୍ୟ ଏକ ବିଶ୍ୱଯୁଦ୍ଧର ଆଭାସ ଦେଉଛି । ଏହି ବିଶ୍ୱଯୁଦ୍ଧ ଏକ ଆଣବିକ ତଥା ପାରମାଣବିକ ଯୁଦ୍ଧରେ ହିଁ ପରିଣତ ହେବ । ପୃଥିବୀ ଯେଉଁ ଆଡ଼କୁ ଗତି କରୁଛି, ତହିଁରେ ନିଶ୍ଚିତ ଭାବରେ ଏପରି ଏକ ମହା ଯୁଦ୍ଧ ଲାଗି ଯିବାର ବିପଦ ଦେଖାଦେଇଛି । ଏହାର ଭୟାବହ ପରିଣତିରୁ ରକ୍ଷା ପାଇବା ପାଇଁ ଆମେ ନ୍ୟାୟ, ସାଧୁତା ଓ ସ୍ୱଚ୍ଛତାର ପଥ ଅବଲମ୍ବନ କରିବା ଉଚିତ୍ । ଆମେ ସମସ୍ତେ ଏକଜୁଟ ହୋଇ ହିଂସା ଓ ଘୃଣାକୁ ପ୍ରସାର କରୁଥିବା ସେହିସବୁ ଗୋଷ୍ଠୀ ବା ସଂଗଠନ ବିରୁଦ୍ଧରେ ସ୍ୱର ଉତୋଳନ କରିବା ଏବଂ ଯେଉଁମାନେ ପୃଥିବୀରେ ଶାନ୍ତି ନଷ୍ଟ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ଦୃଢ ହସ୍ତରେ ଦମନ କରିବା ଏକାନ୍ତ ଅପରିହାର୍ଯ୍ୟ ।ଆମେ ନିଜର ଆଗାମୀ ବଂଶଧରଙ୍କୁ ବିକଳାଙ୍ଗର ଉପହାର ଦେବାର କାରଣ ହେବା ନାହିଁ । ଅହମଦୀୟା ମୁସଲିମ ସଂପ୍ରଦାୟର ସର୍ବୋଚ୍ଚ ମୁଖ୍ୟ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ସାହେବ ଇସ୍ରାଇଲ ପ୍ରଧାନ ମନ୍ତ୍ରୀଙ୍କ ନାମରେ ଲେଖିଥିବା ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ ମୁଁ ସେହି ପ୍ରତିଶ୍ରୁତ ମସିହଙ୍କ ଖଲିଫା ଭାବରେ ଆପଣଙ୍କୁ ସମ୍ବୋଧନ କରି କହୁଛି ଯେ ଦିବ୍ୟ ଅବତାର ହଜରତ ମୁହମ୍ମଦ ସଲ୍ଲମଙ୍କ ଜଣେ ଅନୁରକ୍ତ ଦାସ ରୂପେ ବର୍ତ୍ତମାନ ଯୁଗରେ ସେ ପ୍ରେରିତ ହୋଇଛନ୍ତି । ସୁତରାଂ ପ୍ରଭୁଙ୍କ ବାର୍ତା ଆପଣଙ୍କ ନିକଟରେ ପହଂଚାଇ ଦେବା ହେଉଛି ମୋର କର୍ତବ୍ୟ । ଯେଉଁମାନେ ପ୍ରଭୁଙ୍କ ବାଣୀକୁ କର୍ଣ୍ଣପାତ କରନ୍ତି, ଆପଣ ସେମାନଙ୍କ ମଧ୍ୟରେ ପରିଗଣିତ ହେବେ ବୋଲି ମୋର ଆଶା । ସେହି ପଥରେ ଯେଉଁମାନେ ପରିଚାଳିତ ହେବାର ସଫଳତା ହାସଲ କରନ୍ତି, ଆପଣ ସେହି ପଥକୁ ଅନୁସରଣ କରନ୍ତୁ । କାରଣ ତାହା ଆକାଶ ଓ ପୃଥିବୀର ଅଧିଶ୍ୱରଙ୍କ ନିର୍ଦ୍ଦେଶିତ ପଥ । ମୋର ଆପଣମାନଙ୍କୁ ଅନୁରୋଧ ଯେ ପୃଥିବୀକୁ ଯୁଦ୍ଧର ତଟଦେଶରେ ପହଂଚାଇବା ପରିବର୍ତେ ମାନବିକତାକୁ ବିଶ୍ୱବ୍ୟାପି ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ ଆପଣ ଯଥାସାଧ୍ୟ ଉଦ୍ୟମ କରନ୍ତୁ । ବଳ ପ୍ରୟୋଗ ଦ୍ୱାରା ବିବାଦର ସମାଧାନ କରିବା ପରିବର୍ତ୍ତେ ଆପୋଷ ଆଲୋଚନା ମାଧ୍ୟମରେ ଉତମ ଭାବ ବିନିମୟ ଦ୍ୱାରା ମିମାଂସା କରିବା ଉଚିତ୍ । ଯଦ୍ୱାରା ଆମେ ଆମ ଆଗାମୀ ବଂଶଧରମାନଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତର ଉପହାର ଦେଇପାରିବା । ଅନ୍ୟଥା ଆମେ ସେମାନଙ୍କୁ ପଙ୍ଗୁ ଓ ବିକଳାଙ୍ଗର ଉପହାର ଦେବା ହିଁ ସାର ହେବ ।ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ ବିଶ୍ୱ ସମାଜକୁ ମହା ବିଶ୍ୱଯୁଦ୍ଧର ଚେତାବନୀ ଦେଇ କୁହନ୍ତି, ହେ ୟୁରୋପ । ତୁ ମଧ୍ୟ ଶାନ୍ତିରେ ନାହୁଁ । ହେ ଏସିଆ ! ତୁ ମଧ୍ୟ ନିରାପଦ ନାହୁଁ । ହେ ଦ୍ୱୀପପୁଞ୍ଜବାସୀ । କୌଣସି କୃତ୍ରିମ ଈଶ୍ୱର ତୁମକୁ ସାହାଯ୍ୟ କରିବେ ନାହିଁ । ମୁଁ ମହାନଗରୀ ସବୁ ଟଳି ପଡୁଥିବାର ଦେଖି ପାରୁଛି ଓ ଆବାଦି ବସ୍ତିକୁ ପରିତ୍ୟକ୍ତ ଓ ଅନାବାଦି ଅବସ୍ଥାରେ ଦେଖିବାକୁ ପାଉଛି ଞ୍ଜ ପରମେଶ୍ୱର ବହୁ ସମୟ ଧରି ନିରବ ରହିଲେ ଏବଂ ତାଙ୍କ ସମ୍ମୁଖରେ ବିଭତ୍ସ ଓ ଘୃଣିତ କାର୍ଯ୍ୟ କରାଗଲା, କିନ୍ତୁ ସେ ବାକ୍‌ସ୍ଫୁର୍ତି କଲେ ନାହିଁ । ବର୍ତମାନ ସେ ନିଜର ରୋଷଯୁକ୍ତ ମୁଖମଣ୍ଡଳ ଦେଖାଇଲେ । ଯାହାର କାନ ଅଛି, ସେ ଶୁଣୁ ଯେ ସେ ସମୟ ଏବେ ଆଉ ବେଶୀ ଦୂର ନାହିଁ । ମୁଁ ଯଥା ସାଧ୍ୟ ପ୍ରୟାସ କରିଛି ଯେ ପ୍ରଭୁଙ୍କ ଶାନ୍ତିପ୍ରଦ ଛାୟା ତଳେ ସମସ୍ତଙ୍କୁ ଏକତ୍ରିତ କରିବି । କିନ୍ତୁ ପରମେଶ୍ୱର ପ୍ରକୋପ ସାଧନରେ ମନ୍ଥର ଗତିକୁ ପସନ୍ଦ କରନ୍ତି ।

# ଛିଙ୍କରୁ ସର୍ଦ୍ଦି !

ଟ୍ରମ୍ପ ଯଦି ପ୍ରକୃତରେ ନିଜର କଥା ରଖନ୍ତି, ତେବେ ୨୦୦ ନିୟୁତରୁ ଅଧିକ ଆମେରିକୀୟ ଏଇ ରାଶି ପାଇବା ପାଇଁ ହକ୍‌ଦାର ହେବେ । ଏହାର ଅର୍ଥ ଏ ବାବଦରେ ଟ୍ରମ୍ପ ସରକାରକୁ ଏଥିପାଇଁ ଏକ ଟ୍ରିଲିଅନ ଡଲାର ବା ଏକ ଲକ୍ଷ କୋଟି ଡଲାରରୁ ଅଧିକ ରାଶି ଖର୍ଚ୍ଚ କରିବାକୁ ହେବ । ସରକାରଙ୍କ ପାଇଁ ଏଇ ଅର୍ଥ ବୋଝର ତାତ୍ପର୍ଯ୍ୟ ହୃଦୟଙ୍ଗମ କରିବାରେ ଯାହା ବିଶେଷ ସହାୟକ ହୋଇଥାଏ, ତାହା ହେଲା ଆମେରିକାର ଜାତୀୟ ଋଣର ଆକାର, ଯାହା ଏକ ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ପହଚିଂ ସାରିଛି- ପ୍ରଥମ ଥର ପାଇଁ ତାହା ୪୦ ଟ୍ରିଲିଅନ ଡଲାର ଅତିକ୍ରମ କରିସାରିଲାଣି । ''ଯେତେବେଳେ ଫ୍ରାନ୍‌ସ ଛିଙ୍କିଥାଏ, ସେତେବେଳେ ବାକି ଇଉରୋପକୁ ସର୍ଦ୍ଦି ଧରେ ।'' ଉନବିଂଶ ଶତାବ୍ଦୀର ପ୍ରସିଦ୍ଧ ଅଷ୍ଟ୍ରୀୟ ଚାନ୍‌ସେଲର ମେଟର୍ନିକ୍‌ଙ୍କର ଏହି ସୁବିଦିତ ଉକ୍ତିର ମର୍ମ ଥିଲା ଏହା ଯେ ଫ୍ରାନ୍‌ସରେ ଯେଉଁ ରାଜନୈତିକ, ସାମାଜିକ କିମ୍ବା ଅର୍ଥନୈତିକ ପରିବର୍ତନ ଦେଖାଦିଏ, ତାହା ତୁରନ୍ତ ଇଉରୋପର ଅବଶିଷ୍ଟ ଦେଶମାନଙ୍କୁ ପ୍ରସାରିତ ହୋଇଯାଇଥାଏ । ନିକଟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କର କେତେକ ଆଚରଣ ଦେଖିଲା ପରେ ଆମର ମନେ ହୁଏ ବର୍ତମାନ ମେଟର୍ନିକ୍‌ଙ୍କର ସେଇ ଅନ୍ତର୍ଦୃଷ୍ଟି ଭାରତ-ଆମେରିକା ସଂପର୍କ ପ୍ରତି ମଧ୍ୟ ପ୍ରଯୁଜ୍ୟ : ଯେତେବେଳେ ଭାରତ ଛିଙ୍କେ, ସେତେବେଳେ ଆମେରିକାକୁ ସର୍ଦ୍ଦି ଧରେ । ନିକଟରେ ପରିଦୃଷ୍ଟ ଅନ୍ତତଃ ଦୁଇଟି ତାତ୍ପର୍ଯ୍ୟପୂର୍ଣ୍ଣ ଘଟଣା ଏହାର ସ୍ୱାକ୍ଷର ବହନ କରିଥାଏ । ଗତ ମାସରେ ଟ୍ରମ୍ପ ସେ ଆମେରିକାରେ ଚଳାଇଥିବା ନିର୍ବାଚନ ସଂସ୍କାର ଉଦ୍ୟମ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିବାକୁ ଯାଇ ଭାରତରେ କାର୍ଯ୍ୟକାରୀ ହୋଇଥିବା 'ସ୍ପେସାଲ ଇଣ୍ଟେନ୍‌ସିଭ ରିଭିଜନ' ('ଏସଆଇଆର') ଅଭିଯାନର ଭୂରି ଭୂରି ପ୍ରଶଂସା କରିଥିଲେ । ଏଇ ପ୍ରସଙ୍ଗରେ ସେ ଭାରତର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ସହିତ ଆମେରିକୀୟ ପ୍ରଶାସନ ଅଧିକାରୀମାନଙ୍କର ଆଲୋଚନା ପ୍ରତି ଦୃଷ୍ଟି ଆକର୍ଷଣ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ । ସେଥିରେ ସେ ଭାରତରେ କିପରି ୬୪୬ ନିୟୁତ ମତଦାତା 'ଫଟୋ ଆଇଡେଣ୍ଟିଟି କାର୍ଡ' ବା 'ଭୋଟର ପରିଚୟ ପତ୍ର' ବ୍ୟବହାର କରି ମତଦାନ କରିଥିଲେ, ସେ ନେଇ ଘୋର ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ । ସେ ମଧ୍ୟ ଆମେରିକାରେ ଏକ ଅନୁରୂପ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ 'ସେଭ୍ ଆମେରିକା ଆକ୍ଟ' ପ୍ରଣୟନ କରିବାକୁ ପ୍ରାଣପଣେ ଚେଷ୍ଟା ଚଳାଇଛନ୍ତି । ଏବେ ଟ୍ରମ୍ପ ଭାରତରେ ଗଣତନ୍ତ୍ରର ବାସ୍ତବ କାର୍ଯ୍ୟଶୈଳୀରୁ ଆଉ ଏକ କୌଶଳ ମଧ୍ୟ ଅନୁକରଣ କରିବାକୁ ଆଗେଇ ଆସି କେବଳ ଆମେରିକାରେ ନୁହେଁ, ସାରା ପୃଥିବୀରେ ଚହଳ ସୃଷ୍ଟି କରିଛନ୍ତି । ଆସନ୍ତା ନଭେମ୍ବରରେ ସେଠାରେ କଂଗ୍ରେସର ଉଭୟ ଗୃହ- ସିନେଟ୍ ଓ ପ୍ରତିନିଧି ସଭା ବା 'ହାଉସ ଅଫ ରିପ୍ରେଜେଣ୍ଟେଟିଭସ୍' - ପାଇଁ ମଧ୍ୟବର୍ତୀକାଳୀନ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଏଇ ନିର୍ବାଚନର ଫଳାଫଳ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟି ପାଇଁ ଅନୁକୂଳ ନ ହୋଇପାରେ ବୋଲି ବିଭିନ୍ନ ସର୍ବେକ୍ଷଣରୁ ଜଣାପଡୁଛି । ଏହା ନ ଘଟି ଫଳାଫଳ ତାଙ୍କ ସପକ୍ଷରେ ଯିବା ପାଇଁ ଟ୍ରମ୍ପ ଏବେ ଯେଉଁ କୌଶଳ ଅବଲମ୍ବନ କରିଛନ୍ତି, ତାହାର କପିରାଇଟ ବା ପେଟେଣ୍ଟ ଯେ ସଂପୂର୍ଣ୍ଣ ରୂପେ ଭାରତୀୟ, ସେ ନେଇ କେହି ଦ୍ୱିମତ ହେବାର ଅବକାଶ ନାହିଁ । ଗତ ବୁଧବାର ଦିନ ଡାଲାସ୍ ଠାରେ ଏକ ନିର୍ବାଚନ ରାଲିରେ ଉଦ୍‌ବୋଧନ ଦେବା ଅବସରରେ ଭାରତର ଛିଙ୍କ ତାଙ୍କ ଠାରେ ପ୍ରବଳ ସର୍ଦ୍ଦି ସୃଷ୍ଟି କଲାଭଳି ରାଷ୍ଟ୍ରପତି ଟ୍ରମ୍ପ ଘୋଷଣା କରିଥିଲେ ଯେ ଯଦି ଆଗାମୀ ନିର୍ବାଚନରେ କଂଗ୍ରେସର ଉଭୟ ଗୃହରେ ରିପବ୍ଲିକାନ୍ ପାର୍ଟି ସଂଖ୍ୟାଗରିଷ୍ଠତା ହାସଲ କରେ, ତେବେ ପ୍ରତ୍ୟେକ ପ୍ରାପ୍ତବୟସ୍କ ଆମେରିକୀୟଙ୍କୁ ତାଙ୍କ ସରକାର ୫,୦୦୦ ଡଲାର (ପାଖାପାଖି ପାଚଂ ଲକ୍ଷ ଟଙ୍କା) ଲେଖାଏଁ ଉପହାର (ବା ଉତ୍କୋଚ) ପ୍ରଦାନ କରିବ । ଭାରତରେ ବିଭିନ୍ନ ନାମ ବହନ କରି ଅନୁସୃତ ହେଉଥିବା ଅନୁରୂପ ଯୋଜନାମାନ ସହିତ ଆମେ ସୁପରିଚିତ । ସେଥିମଧ୍ୟରୁ ଗୋଟିଏକୁ ପ୍ରୟୋଗ କରି ରହସ୍ୟରେ ଟ୍ରମ୍ପଙ୍କର ଏଇ ଯୋଜନାକୁ ସମ୍ବୋଧନ କରାଯାଉଛି- 'ଲାଡ୍‌ଲୀ ୟାଙ୍କୀ' ('ଲାଡ୍‌ଲୀ ବେହେନା'ର ନକଲ) । ଭାରତକୁ ନକଲ କରିବା ପାଇଁ ଟ୍ରମ୍ପଙ୍କର ଏଇ ପ୍ରବୃତିରେ ନିହିତ ଥିବା ବିଡ଼ମ୍ବନା କାହାରି ଦୃଷ୍ଟି ଏଡ଼ାଉ ନ ଥିବ । ବିଭିନ୍ନ କ୍ଷେତ୍ରରେ ଭାରତ ହାସଲ କରିଚାଲିଥିବା ସଫଳତା ପ୍ରତି ଟ୍ରମ୍ପ ଯେଉଁଭଳି ଅସହିଷ୍ଣୁ ଅସୂୟା ପ୍ରଦର୍ଶନ କରିଛନ୍ତି, କେବଳ ତାଙ୍କରି ଦଳର ନିକ୍‌ସନ୍‌ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଆମେରିକୀୟ ରାଷ୍ଟ୍ରପତିଙ୍କ ଠାରୁ ସେଭଳି ଦେଖିବାକୁ ମିଳିନାହିଁ । କିନ୍ତୁ ଭାରତ ପ୍ରତି ନିଜର ଚରମ ବିଦ୍ୱେଷ ସତ୍ତ୍ୱେ ନିଜର ବ୍ୟକ୍ତିଗତ ଲାଭ ପାଇଁ ଭାରତରେ ବ୍ୟବହୃତ କୌଣସି ରାଜନୈତିକ ପଦ୍ଧତି ନକଲ କରିବା ପାଇଁ ତାଙ୍କ ତିଳେ ମାତ୍ର କୁଣ୍ଠା ନାହିଁ । ଟ୍ରମ୍ପ ଯଦି ପ୍ରକୃତରେ ନିଜର କଥା ରଖନ୍ତି, ତେବେ ୨୦୦ ନିୟୁତରୁ ଅଧିକ ଆମେରିକୀୟ ଏଇ ରାଶି ପାଇବା ପାଇଁ ହକ୍‌ଦାର ହେବେ । ଏହାର ଅର୍ଥ ଏ ବାବଦରେ ଟ୍ରମ୍ପ ସରକାରକୁ ଏଥିପାଇଁ ଏକ ଟ୍ରିଲିଅନ ଡଲାର ବା ଏକ ଲକ୍ଷ କୋଟି ଡଲାରରୁ ଅଧିକ ରାଶି ଖର୍ଚ୍ଚ କରିବାକୁ ହେବ । ସରକାରଙ୍କ ପାଇଁ ଏଇ ଅର୍ଥ ବୋଝର ତାତ୍ପର୍ଯ୍ୟ ହୃଦୟଙ୍ଗମ କରିବାରେ ଯାହା ବିଶେଷ ସହାୟକ ହୋଇଥାଏ, ତାହା ହେଲା ଆମେରିକାର ଜାତୀୟ ଋଣର ଆକାର, ଯାହା ଏକ ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ପହଚିଂ ସାରିଛି- ପ୍ରଥମ ଥର ପାଇଁ ତାହା ୪୦ ଟ୍ରିଲିଅନ ଡଲାର ଅତିକ୍ରମ କରିସାରିଲାଣି । ଟ୍ରମ୍ପ ତାଙ୍କର ଦ୍ୱିତୀୟ ପାଳି ସରକାର ସମୟରେ ପ୍ରଦର୍ଶନ କରିଚାଲିଥିବା ଅବିମୃଶ୍ୟକାରିତା ଏଥିପାଇଁ ଅନେକାଂଶରେ ଦାୟୀ । ସେ ଦାୟିତ୍ୱ ଗ୍ରହଣ କରିବା ପରେ ପରେ ଯେଉଁ ତଥାକଥିତ 'ଲିବରେସନ୍ ଡେ' ଟାରିଫ ଲାଗୁ କରିଥିଲେ, ତାହା ପରବର୍ତୀ ସମୟରେ ସେ ଦେଶର ସୁପ୍ରିମ୍ କୋର୍ଟ ଦ୍ୱାରା ନାକଚ ହୋଇଯିବାରୁ ସରକାରଙ୍କୁ ପ୍ରାୟ ୧୦୦ ବିଲିଅନ ଡଲାର ଫେରସ୍ତ କରିବାକୁ ପଡ଼ିଛି । ଇରାନ ବିରୁଦ୍ଧରେ ଏକ ଅପରିଣାମଦର୍ଶୀ ଯୁଦ୍ଧ ଆରମ୍ଭ କରିଦେଇ ଟ୍ରମ୍ପ ଆମେରିକୀୟ ଅର୍ଥନୀତି ଉପରେ ଏକ ଅନାବଶ୍ୟକ ବୋଝ ଲଦି ଦେଇଛନ୍ତି । 'ଡେମୋକ୍ରାସି ଇନ୍ ଆମେରିକା' ନାମକ ଆମେରିକୀୟ ଗଣତନ୍ତ୍ର ସମ୍ବନ୍ଧରେ ଗଭୀର ଅନ୍ତର୍ଦୃଷ୍ଟି ବହନକାରୀ ପୁସ୍ତକର ଲେଖକ ପ୍ରସିଦ୍ଧ ଫରାସୀ ରାଜନୈତିକ ଦାର୍ଶନିକ ଆଲେକ୍‌ସିସ୍ ଡି ଟକ୍‌ଭିଲ୍ ୧୮୩୫ରେ ପ୍ରକାଶିତ ତାଙ୍କର ଏଇ ପୁସ୍ତକରେ ସେଠାରେ ଗଣତନ୍ତ୍ର ସମ୍ବନ୍ଧରେ ଯେଉଁ ଚିନ୍ତା ପ୍ରକଟ କରିଥିଲେ ଟ୍ରମ୍ପଙ୍କ ଆଚରଣ ତାହାକୁ ଯଥାର୍ଥ ପ୍ରମାଣିତ କରୁଛି ବୋଲି କହିଲେ ଭୁଲ୍ ହେବ ନାହିଁ । ସେଥିରେ ଟକ୍‌ଭିଲ୍ ଯେଉଁ 'ଗଣତାନ୍ତ୍ରିକ ଏକଛତ୍ରବାଦ'ର ଆବିର୍ଭାବ ସମ୍ବନ୍ଧରେ ଆଶଙ୍କା ପ୍ରକଟ କରିଥିଲେ, 'ନୋଟ୍ ବଦଳରେ ଭୋଟ୍' ମାଧ୍ୟମରେ ଟ୍ରମ୍ପ ତାହାକୁ ବାସ୍ତବତାରେ ପରିଣତ କରିବାକୁ ଯାଉଛନ୍ତି ବୋଲି ଟକ୍‌ଭିଲ୍ କହନ୍ତେ । ଏକ ଭବିଷ୍ୟଦ୍ରଷ୍ଟା ଭଳି ଟକ୍‌ଭିଲ୍ ମଧ୍ୟ କହିଥିଲେ ଯେ ଗଣତନ୍ତ୍ର ଆମେରିକୀୟମାନଙ୍କ ଠାରେ ମାତ୍ରାଧିକ ପାର୍ଥିବ ସଂପଦ ମୋହ ସୃଷ୍ଟି କରିଥାଏ । ସେମାନେ ଯଦି ଏବେ ଟ୍ରମ୍ପଙ୍କ ଠାରୁ ସିଧାସଳଖ ୫,୦୦୦ ଡଲାର ଲେଖାଏଁ ଲାଚଂ ଗ୍ରହଣ କରି ମତଦାନ କରନ୍ତି, ତାହା ଟକ୍‌ଭିଲ୍‌ଙ୍କୁ ସତ୍ୟ ସାବ୍ୟସ୍ତ କରିବ ନାହିଁ କି ? ଆଉ ସେମାନଙ୍କର ଏଇ ପ୍ରବୃତିକୁ ଚରିତାର୍ଥ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରି ବାକ୍‌ପଟୁ ଏକଛତ୍ରବାଦୀ ନେତାଙ୍କର ଆବିର୍ଭାବ ଘଟିବ ବୋଲି ଟକ୍‌ଭିଲ୍ ଯେଉଁ ସତର୍କବାଣୀ ଶୁଣାଇଥିଲେ, ଟ୍ରମ୍ପ ସେଥି ସହିତ ପୂରାପୂରି ଖାପ ଖାଇ ଯାଉନାହାନ୍ତି କି ?

# ସ୍ୱଚ୍ଛତା ଓ ପ୍ରଗତିର ନୂଆ ଅଧ୍ୟାୟ

ଗତ କିଛିଦିନ ହେବ ରାଜ୍ୟରେ ନୂତନ ଖଣି ନିୟମକୁ ନେଇ ଭୁଲ୍ ତଥ୍ୟ ଦେଇ ଲୋକଙ୍କୁ ବିଭ୍ରାନ୍ତ କରାଯାଉଛି । ରାଜ୍ୟରେ ଦୀର୍ଘଦିନ ଧରି ଶାସନରେ ଥିବା ପୂର୍ବତନ ସରକାରର ଶାସନ କାଳରେ ଓଡ଼ିଶାର ଖଣିଜ ସମ୍ପଦର ଯେଉଁ ବ୍ୟାପକ ବାଟମାରଣା ଓ ଦୁର୍ନୀତି ଚାଲିଥିଲା, ତାହାକୁ ଘୋଡ଼ାଇବା ପାଇଁ ଆଜି ଆଇନଗତ ଓ ଆର୍ଥିକ ତଥ୍ୟକୁ ବିକୃତ କରି ପ୍ରଚାର କରାଯାଉଛି । ବାସ୍ତବରେ, କେନ୍ଦ୍ରର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ଖଣି ନୀତି, ସ୍ୱଚ୍ଛ ଇ-ନିଲାମ ପ୍ରକ୍ରିୟା ଏବଂ ନୂତନ ଗଗଜଡ ସଂଶୋଧନ ଆଇନ ୨୦୨୬ ଯୋଗୁଁ ଓଡ଼ିଶାର ଖଣି ରାଜସ୍ୱରେ ଯେଉଁ ବିପ୍ଳବୀ ପରିବର୍ତନ ଆସିଛି, ତାହାକୁ ହଜମ କରିନପାରି ବିରୋଧୀ ଦଳ ଓ ତାଙ୍କର ପୃଷ୍ଠପୋଷକମାନେ ଆଜି ଭୟ ଓ ସନ୍ଦେହର ପରିବେଶ ସୃଷ୍ଟି କରୁଛନ୍ତି । ଏହି ଉପରେ ଥିବା ପ୍ରତ୍ୟେକଟି ପ୍ରସଙ୍ଗର ସାମ୍ବିଧାନିକ, ଆଇନଗତ ଓ ଆର୍ଥିକ ଜବାବ ତଥ୍ୟ ଆଧାରରେ ଉପସ୍ଥାପନ କରିବା ନିତାନ୍ତ ଆବଶ୍ୟକ । ଖଣି ଓ ଖଣିଜ (ବିକାଶ ଓ ନିୟାମକ) ସଂଶୋଧନ ଅଧିନିୟମ, ୨୦୨୬ (ଗଗଜଡ) ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି, ଶିଳ୍ପାୟନ ଓ ସଂଘୀୟ ସ୍ୱାର୍ଥରକ୍ଷା ପାଇଁ ମୋଦି ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ । ୨୦୧୪ ମସିହା ପୂର୍ବରୁ ରାଜ୍ୟର ତତ୍କାଳୀନ ସରକାରଙ୍କ ସମୟରେ ଓଡ଼ିଶାର ବାର୍ଷିକ ଖଣି ରାଜସ୍ୱ ମାତ୍ର ୫,୦୦୦କୋଟି ଟଙ୍କାରେ ସୀମିତ ଥିଲା । ସେତେବେଳେ କୌଣସି ପ୍ରତିଯୋଗିତାମୂଳକ ନିଲାମ ପ୍ରକ୍ରିୟା ନଥିଲା । ବିନା ନିଲାମରେ, ମାଗଣାରେ କେତେକ ନିର୍ଦ୍ଦିଷ୍ଟ ପୁଞ୍ଜିପତିମାନଙ୍କୁ ଖଣିଗୁଡ଼ିକୁ ଟେକି ଦିଆଯାଉଥିଲା । ଟଙ୍କାଟିଏ ବି ରାଜସ୍ୱ ଓଡ଼ିଶାର କୋଷାଗାରକୁ ଆସୁନଥିଲା, ବରଂ ଜନସାଧାରଣଙ୍କ ସମ୍ପତ୍ତିକୁ ହଡ଼ପ କରାଯାଉଥିଲା । ଏହି ବେଆଇନ ଖଣି କାରବାର ପାଇଁ ପରବର୍ତୀ ସମୟରେ ସିବିଆଇ ତଦନ୍ତ ମଧ୍ୟ ହେଉଛି । ଏହା ଉପରେ ଶାହା କମିଶନ ତାଙ୍କ ରିପୋର୍ଟରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତିର ତଥ୍ୟ ମଧ୍ୟ ସାମ୍ନାକୁ ଆଣିଛନ୍ତି । ସେତେବେଳେ ଓଡ଼ିଶାର ସ୍ୱାର୍ଥ ବଳି ପଡୁଥିଲା, ମାତ୍ର ଶାସକ ଦଳ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଥିଲେ । ଖଣିଜ ସମ୍ପଦର ପ୍ରକୃତ ମାଲିକ ହେଉଛନ୍ତି ଓଡ଼ିଶାର ଜନସାଧାରଣ । ଏହି ବିଚାରକୁ ଆଧାର କରି ୨୦୧୫ରେ ମୋଦି ସରକାର ଏମଏମଡିଆର୍ ଆଇନରେ ଐତିହାସିକ ସଂଶୋଧନ ଆଣିଲେ । ଦେଶରେ ପ୍ରଥମଥର ପାଇଁ 'ଇ-ନିଲାମ' ବ୍ୟବସ୍ଥା ବାଧ୍ୟତାମୂଳକ କରାଗଲା, ଆଡ୍ ଭାଲୋରେମ୍ ରୟାଲଟିକୁ ୧୫%କୁ ବୃଦ୍ଧି କରାଗଲା ଏବଂ ଜିଲ୍ଲା ଖଣିଜ ପାଣ୍ଠି(ଡିଏମଏଫ) ବ୍ୟବସ୍ଥା କାର୍ଯ୍ୟକାରୀ ହେଲା । ଯେଉଁ ଖଣିରୁ ଟଙ୍କାଟିଏ ମିଳୁନଥିଲା, ଇ-ନିଲାମ ପ୍ରକ୍ରିୟା ଯୋଗୁଁ ଆଜି ସେଠାରୁ ୧୧୦% ପର୍ଯ୍ୟନ୍ତ ନିଲାମ ପ୍ରିମିୟମ୍ ରାଜ୍ୟକୁ ମିଳୁଛି । ଆମ ସରକାରଙ୍କ ଏହି ସ୍ୱଚ୍ଛ ନୀତି ଯୋଗୁଁ ହିଁ ଓଡ଼ିଶାର ବାର୍ଷିକ ଖଣି ଆୟ ୧୦ଗୁଣ ବୃଦ୍ଧିପାଇ ୫୦,୦୦୦କୋଟି ଟଙ୍କାରେ ପହଚିଂଛି ଏବଂ ଡିଏମ୍ଏଫ ଜରିଆରେ ଓଡ଼ିଶାକୁ ଅତିରିକ୍ତ ୩୭,୦୦୦କୋଟି ଟଙ୍କା ମିଳିପାରିଛି । ନୂତନ ଏମଏମଡିଆର ସଂଶୋଧନ ଆଇନ-୨୦୨୬ ଅଧୀନରେ ୧୧୦% ନିଲାମ ପ୍ରିମିୟମ, ୧୫% ରୟାଲଟି ଓ ଡିଏମଏଫରୁ ମିଳୁଥିବା ମୋଟ୍ ରାଜସ୍ୱର ୯୯% ଅର୍ଥ ସିଧାସଳଖ ଓଡ଼ିଶା କୋଷାଗାରକୁ ଆସିବ । ଏହି ବିପୁଳ ଅର୍ଥରାଶି ରାଜ୍ୟର ଭିତ୍ତିଭୂମି ବିକାଶ, ଗ୍ରାମୀଣ ପ୍ରଗତି ଓ ଜନଜାତି କଲ୍ୟାଣରେ ବିନିଯୋଗ ହେବ । ଏଥିସହ ଧାରା ୯-ଡି ଜରିଆରେ ବହୁସ୍ତରୀୟ ଓ ବେଆଇନ ଟିକସ ନିୟନ୍ତ୍ରଣ କରାଯାଉଥିବାରୁ କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ ଓ ଯାଜପୁର ଭଳି ପ୍ରମୁଖ ଶିଳ୍ପାଞ୍ଚଳରେ କାରଖାନା ବନ୍ଦ ହେବାର ଆଶଙ୍କା ଦୂର ହୋଇଛି । କଚାଂମାଲ ଉପରୁ ଅସମ୍ଭବ ଅତିରିକ୍ତ ବୋଝ ହ୍ରାସପାଇବା ଫଳରେ ଇସ୍ପାତ, ସିମେଣ୍ଟ, ବିଦ୍ୟୁତ୍ ଓ କୋଇଲା ଦର ନିୟନ୍ତ୍ରିତ ରହିବ, ଯାହା ସାଧାରଣ ମଧ୍ୟବିତ ପରିବାରକୁ ମହଙ୍ଗା ମାଡ଼ରୁ ରକ୍ଷାକରିବ । ଏହି ଆଇନ ଓଡ଼ିଶାକୁ ଏକ ସମୃଦ୍ଧ, ସ୍ୱଚ୍ଛ ଓ ଅଗ୍ରଣୀ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏକ ଶକ୍ତ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି । ମାନ୍ୟବର ସୁପ୍ରିମକୋର୍ଟଙ୍କ ଗଇଉଇ (ମିନେରାଲ୍ ଏରିଆ ଡେଭଲପମେଣ୍ଟ ଅଥରିଟି ବନାମ ସେଲ୍) ମାମଲାର ୨୫ ଜୁଲାଇ ୨୦୨୪ ରାୟ ପରେ ଓଡ଼ିଶାର ଢଜଓଝରଉ (ଓଡ଼ିଶା ଗ୍ରାମୀଣ ଭିତ୍ତିଭୂମି ଓ ସାମାଜିକ-ଆର୍ଥିକ ବିକାଶ) ଆଇନ, ୨୦୦୪ ସ୍ୱତଃ ପୁନର୍ଜୀବିତ ହୋଇଗଲା ବୋଲି ଦାବି କରିବା ସମ୍ପୂର୍ଣ୍ଣ ଆଇନଗତ ଅଜ୍ଞତା କିମ୍ବା ଅନ୍ୟ କିଛି ନୁହେଁ । ଏହା କେବଳ ତଥ୍ୟକୁ ବିକୃତ କରି ମିଥ୍ୟାର ପ୍ରହେଳିକା କରିବାର ଏକ ନିରର୍ଥକ ପ୍ରୟାସ । ମାନ୍ୟବର ସୁପ୍ରିମକୋର୍ଟଙ୍କ ୯ ଜଣିଆ ଖଣ୍ଡପୀଠ ଏମଏଡିଏ ମାମଲାରେ ସମ୍ବିଧାନର ତାଲିକା-୨ର ଏଣ୍ଟ୍ରି ୫୦ ଅଧୀନରେ ରାଜ୍ୟଗୁଡ଼ିକର ଟିକସ କ୍ଷମତାର ସାମ୍ବିଧାନିକ ବ୍ୟାଖ୍ୟା ପ୍ରଦାନ କରିଥିଲେ । କିନ୍ତୁ ମାନ୍ୟବର କୋର୍ଟ ସ୍ପଷ୍ଟ କରିଥିଲେ ଯେ, ଏହି ରାୟ କେବଳ ଧାରା-୧୪୧ ଅନୁସାରେ ଆଇନର ଏକ ଘୋଷଣାନାମା । ଏହା ସ୍ୱତଃପ୍ରବୃତ ଭାବେ କୌଣସି ବିଚାରାଧୀନ ଏସଏଲପି'କୁ ନିଷ୍ପତି କରେନାହିଁ କିମ୍ବା ହାଇକୋର୍ଟ ଦ୍ୱାରା ରଦ୍ଦ ହୋଇଥିବା ପୁରୁଣା ଆଇନକୁ ପୁନର୍ଜୀବିତ କରେନାହିଁ । ଅର୍ଥାତ୍ ମାନ୍ୟବର ସୁପ୍ରିମକୋର୍ଟ ଢଜଓଝରଉ ଆଇନକୁ ପୁନଃସ୍ଥାପିତ କରିନାହାଁନ୍ତି, ମାନ୍ୟବର ହାଇକୋର୍ଟଙ୍କ ରାୟକୁ ଖାରଜ କରିନାହାଁନ୍ତି । ମାନ୍ୟବର ହାଇକୋର୍ଟଙ୍କ ରାୟ ବିରୋଧରେ ରାଜ୍ୟର ବିଚାରାଧୀନ ଏସଏଲପି'ର ସୁପ୍ରିମକୋର୍ଟ ନିଷ୍ପତି ନେଇନାହାଁନ୍ତି । ୨୦୦୫ ମସିହାରେ ଓଡ଼ିଶା ହାଇକୋର୍ଟ ଢଜଓଝରଉ ଆଇନକୁ ଅସାମ୍ବିଧାନିକ ଦର୍ଶାଇ ସମ୍ପୂର୍ଣ୍ଣ ରଦ୍ଦ କରିଦେଇଥିଲେ । ବିରୋଧୀ ଦଳ ସେମାନଙ୍କ ଶାସନ କାଳରେ ୧୯ବର୍ଷ ଧରି ସୁପ୍ରିମକୋର୍ଟରେ ଏସଏଲପି ପେଣ୍ଡିଂ ରଖି ନିରବ ହୋଇ ରହିଥିଲେ । ହାଇକୋର୍ଟ ଯେଉଁ ଆଇନକୁ ରଦ୍ଦ ଘୋଷଣା କରିସାରିଛନ୍ତି, ସେହି ଆଇନ ପୁଣି ଥରେ ଜୀବନ୍ତ ହେବାପାଇଁ ସୁପ୍ରିମକୋର୍ଟଙ୍କ ଆଦେଶ ଆବଶ୍ୟକ । ଯେପର୍ଯ୍ୟନ୍ତ ସୁପ୍ରିମକୋର୍ଟ ସେହି ଆଦେଶ ନଦେଇଛନ୍ତି, ସେପର୍ଯ୍ୟନ୍ତ ଢଜଓଝରଉ ଆଇନର କୌଣସି ମୂଲ୍ୟ ନାହିଁ । ଏହାବ୍ୟତୀତ, ଭାରତୀୟ ସମ୍ବିଧାନର ଧାରା ୨୬୫ ଅନୁସାରେ, ଆଇନଗତ ବୈଧତା ନଥାଇ କୌଣସି ଟିକସ ଲାଗୁ କିମ୍ବା ଆଦାୟ କରାଯାଇ ପାରିବନାହିଁ । ତେଣୁ, ଅସାମ୍ବିଧାନିକ ଆଇନ ବଳରେ ରାଜ୍ୟ ୧୨,୦୦୦କୋଟି ଟଙ୍କାର ଟିକସ ହରାଇଲା ବୋଲି କହିବା କେବଳ ଲୋକଙ୍କୁ ବିଭ୍ରାନ୍ତ କରିବାର ଏକ ହୀନପ୍ରୟାସ । ଢଜଓଝରଉଆଇନ ଦ୍ୱାରା ରାଜ୍ୟର ବିକାଶ ହୋଇଥାନ୍ତା ବୋଲି ଯୁକ୍ତି ମଧ୍ୟ ସମ୍ପୂର୍ଣ୍ଣ ଅସତ୍ୟ । ଢଜଓଝରଉ ଆଇନ ସହ କେନ୍ଦ୍ରର ଡିଏମଏଫ ବ୍ୟବସ୍ଥାକୁ ତୁଳନା କଲେ ପୂର୍ବତନ ଶାସକଙ୍କ ଗରିବ-ବିରୋଧୀ ଚେହେରା ସ୍ପଷ୍ଟ ଅନୁମେୟ । ଢଜଓଝରଉ ଆଇନର ଧାରା-୮ ଅନୁସାରେ, ଆଦାୟ ହେଉଥିବା ମୋଟ୍ ଟିକସରୁ ମାତ୍ର ୧୦% ଖଣି ପ୍ରଭାବିତ ଅଚଂଳରେ ଖର୍ଚ୍ଚ କରିବା ବାଧ୍ୟତାମୂଳକ ଥିଲା ଏବଂ ବାକି ୯୦% ନିଜ ଇଚ୍ଛାଧୀନ ଭାବେ ଅନ୍ୟତ୍ର ବିନିଯୋଗ କରିବାର ନିୟମ ଥିଲା । ଯେଉଁ ଆଦିବାସୀ ଓ ଖଣି ପ୍ରଭାବିତ ଲୋକମାନେ ଧୂଳି, ଧୂଆଁ ଓ ପ୍ରଦୂଷଣ ସହିଲେ ସେମାନଙ୍କୁ ମାତ୍ର ୧୦% ଦେଇ ବାକି ଅର୍ଥ ଅନ୍ୟତ୍ର ହଡ଼ପ କରିବାର ଚକ୍ରାନ୍ତ ଥିଲା ଢଜଓଝରଉ ଆଇନ । ଅପରପକ୍ଷରେ, କେନ୍ଦ୍ର ଏନଡିଏ ସରକାର ଏମଏମଡିଆର ଆଇନର ଧାରା ୯-ବି ଅଧୀନରେ ଆଣିଥିବା ଡିଏମଏଫ ବ୍ୟବସ୍ଥାରେ ଶତପ୍ରତିଶତ ପାଣ୍ଠି ସିଧାସଳଖ ସେହି ଖଣି ପ୍ରଭାବିତ ଜିଲ୍ଲାରେ ହିଁ ଖର୍ଚ୍ଚ ହେବ, ଯାହା ବାଧ୍ୟତାମୂଳକ ଅଟେ । ଏଥିରୁ ଅତିକମ୍ରେ ୬୦% ଅର୍ଥ ବିଶୁଦ୍ଧ ପାନୀୟଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ ଓ ପ୍ରଦୂଷଣ ନିୟନ୍ତ୍ରଣ ଭଳି ଉଚ୍ଚ-ପ୍ରାଥମିକତା କ୍ଷେତ୍ରରେ ଖର୍ଚ୍ଚ କରାଯାଉଛି ଏବଂ ଅବିଶିଷ୍ଟ ୪୦% ରାସ୍ତା, ପୋଲ, ଯୋଗାଯୋଗ ଓ ବିକଳ୍ପ ଶକ୍ତି ଭିତିଭୂମିରେ ପୁଞ୍ଜିନିବେଶ ହେବ । ଢଜଓଝରଉ ଅଧୀନରେ ୧୯ବର୍ଷରେ ରାଜ୍ୟକୁ କିଛି ମିଳିନଥିବା ବେଳେ, ମୋଦି ସରକାର ଆସିବା ପରେ ଜିଲ୍ଲା ଖଣିଜ ପାଣ୍ଠି ମାଧ୍ୟମରେ କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ଯାଜପୁର ଭଳି ଜିଲ୍ଲାରେ ହଜାର ହଜାର କୋଟି ଟଙ୍କାର ବାସ୍ତବ ଭିତିଭୂମି ନିର୍ମାଣ ହୋଇଛି । ମୋଦି ସରକାର ଆସିବା ପୂର୍ବରୁ ଅର୍ଥାତ୍ ୨୦୧୪ ପର୍ଯ୍ୟନ୍ତ ରାଜ୍ୟର ସମୁଦାୟ ଖଣି ରାଜସ୍ୱ ଆୟ ମାତ୍ର ୫,୦୦୦କୋଟି ଟଙ୍କାରେ ଅଟକି ରହିଥିଲା । ତେବେ ୨୦୧୪ରେ କେନ୍ଦ୍ରର ମୋଦୀ ସରକାର ଲୁହାପଥର ରୟାଲଟିକୁ ୧୫% ଆଡ୍-ଭାଲୋରେମକୁ ବୃଦ୍ଧି କଲେ ଏବଂ ୨୦୧୫ରେ ବାଧ୍ୟତାମୂଳକ ପ୍ରତିଯୋଗିତାମୂଳକ ଇ-ନିଲାମ ବ୍ୟବସ୍ଥା ଲାଗୁ କଲେ । ଏହି ସ୍ୱଚ୍ଛ ନୀତି ଓ ବିପ୍ଳବୀ ସଂସ୍କାର ଯୋଗୁଁ ହିଁ ଯେଉଁ ଖଣିଜ ଆୟ ୫,୦୦୦କୋଟି ଟଙ୍କାରେ ଅଟକିଥିଲା, ତାହା ବୃଦ୍ଧିପାଇ ଆଜି ପ୍ରାୟ ୫୦,୦୦୦କୋଟି ଟଙ୍କାରେ ପହଚିଂଛି । ଅପରପକ୍ଷରେ ବିରୋଧୀଙ୍କ ଯୁକ୍ତି ଅନୁସାରେ, ଖଣିଜ ଜମି ଉପରେ ଅତିରିକ୍ତ ୨୦% , ଢଜଓଝରଉ ଟିକସ ଲାଗୁହେବା ଉଚିତ । କିନ୍ତୁ ଏହାଦ୍ୱାରା ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯିବ । , ଢଜଓଝରଉ ଆଇନର ଧାରା-୨(କ) ଏବଂ ୨୦୦୫ ନିୟମାବଳୀର ନିୟମ-୪ (ଉପ-ନିୟମ ୪ ଓ ୫) ଅନୁଯାୟୀ, ଖଣିଜ ପଦାର୍ଥର ବାର୍ଷିକ ମୂଲ୍ୟ ନିରୂପଣ କରିବା ସମୟରେ ସମସ୍ତ ସରକାରୀ ଟିକସ, ଫି, ଶୁଳ୍କ, ରୟାଲଟି ଏବଂ ପରିବହନ ବା ପ୍ରକ୍ରିୟାକରଣ ଖର୍ଚ୍ଚକୁ ମୋଟ୍ ମୂଲ୍ୟରୁ ବାଦ୍ ଦେବା ବାଧ୍ୟତାମୂଳକ ଅଟେ । ବର୍ତମାନର ଆଧୁନିକ ଇ-ନିଲାମ ବ୍ୟବସ୍ଥା ଅଧୀନରେ ଥିବା ଖଣିଗୁଡ଼ିକ କ୍ଷେତ୍ରରେ ଯଦି ଏଏସପି ବେଞ୍ଚମାର୍କ ଟନ୍ ପ୍ରତି ୩,୦୦୦ ଟଙ୍କା ଧରାଯାଏ, ତେବେ ୧୧୦% ନିଲାମ ପ୍ରିମିୟମ୍ (୩,୩୦୦ ଟଙ୍କା), ୧୫% ରୟାଲଟି (୪୫୦ ଟଙ୍କା), ରୟାଲଟିର ୧୦% ଡିଏମଏଫ (୪୫ ଟଙ୍କା), ରୟାଲଟିର ୨% ଏନଏମଇଟି (୯ ଟଙ୍କା), ୫% ଜିଏସଟି (୧୫୦ ଟଙ୍କା) ଏବଂ ମାଲଭଡ଼ା (୫୦୦ ଟଙ୍କା) ମିଶି ସମୁଦାୟ ବୈଧାନିକ କାଟ ଟନ୍ ପ୍ରତି ୪,୪୫୪ ହୋଇଥାଏ । ଏହିପରି ଭାବେ ବୈଧାନିକ କାଟଗୁଡ଼ିକ ମୋଟ୍ ବିକ୍ରୟ ମୂଲ୍ୟଠାରୁ ଅଧିକ ହୋଇଯାଉଥିବାରୁ ନିଜସ୍ୱ ୨୦୦୫ ନିୟମାବଳୀ ଅନୁଯାୟୀ ଖଣିଜର ନିଟ୍ ବାର୍ଷିକ ମୂଲ୍ୟ ଶୂନ୍ୟକୁ ହ୍ରାସ ପାଇଥାଏ । ଫଳସ୍ୱରୂପ, ଢଜଓଝରଉ ଆଇନରୁ କିଛି ଟିକସ ଆସିପାରିବ ନାହିଁ । ତେଣୁ ନିଜସ୍ୱ ରିହାତି ନିୟମକୁ ଅଣଦେଖା କରି କୃତ୍ରିମ ଭାବେ ବର୍ଦ୍ଧିତ ଆଧାର ଉପରେ ୨୦% ଟିକସ ଦାବି କରିବା ସମ୍ପୂର୍ଣ୍ଣ ଆଇନଗତ ଅସଙ୍ଗତି ସୃଷ୍ଟି କରୁଛି । ସେପ୍ଟେମ୍ବର ୨୦୨୪ରେ ଉପସ୍ଥାପିତ 'କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ' (ସିଏଜି) ରିପୋର୍ଟ କୌଣସି ରାଜନୈତିକ ଆକ୍ଷେପ ନୁହେଁ, ବରଂ ଗତ ଶାସନ କାଳର ଭ୍ରଷ୍ଟାଚାରର ପୋଲ ଖୋଲୁଥିବା ଏକ ସତ୍ୟ ଦସ୍ତାବିଜ । ଏହି ରିପୋର୍ଟ ଅନୁସାରେ ପୂର୍ବତନ ସରକାରଙ୍କ ସମୟରେ ମୋଟ୍ ୨୨,୩୯୨କୋଟି ଟଙ୍କାର ରାଜସ୍ୱ ହାନି ହୋଇଛି । ଉଚ୍ଚମାନର ଲୁହାପଥରକୁ ନିମ୍ନମାନର ଦର୍ଶାଇ ଖଣିମାଫିଆଙ୍କ ସହ ମିଶି ରାଜ୍ୟ କୋଷାଗାରରୁ ୪,୧୬୨କୋଟି ଟଙ୍କା ହରିଲୁଟ୍ କରାଯାଇଛି । ସେହିପରି ଖଣି ପ୍ରଭାବିତ ୫୮୪ଟି ଗାଁକୁ ଗୋଟିଏ ହେଲେ ବିକାଶ ପ୍ରକଳ୍ପ ନଦେଇ, ୯୭୬ଟି ଅଣପ୍ରଭାବିତ ଗାଁରେ ଦଳୀୟକର୍ମୀ ଓ ଠିକାଦାରଙ୍କୁ ପୋଷିବା ପାଇଁ ୯୮୩କୋଟି ଟଙ୍କା ବେଆଇନ ଭାବେ ବାଣ୍ଟି ଦିଆଯାଇଛି । ୧,୭୩୦ଟି ପ୍ରକଳ୍ପକୁ ବିନା ଗ୍ରାମସଭା ଅନୁମୋଦନରେ କାର୍ଯ୍ୟକାରୀ କରାଯାଇଥିଲା । ଏହିସବୁ ତଥ୍ୟରୁ ଦୁର୍ନୀତିର ଗନ୍ଧ ବାରୁନାହିଁ କି ? ପୂର୍ବତନ ସରକାରଙ୍କ ସମୟରେ ଓଡ଼ିଶାରେ ଉତ୍ପାଦନ ବା ମ୍ୟାନୁଫ୍ୟାକ୍ଚରିଂ କ୍ଷେତ୍ର ପ୍ରତି ସମ୍ପୂର୍ଣ୍ଣ ଆଖିବୁଜି ଦିଆଯାଇଥିଲା । କେବଳ କଚାଂମାଲକୁ ବାହାରକୁ ଚାଲାଣ କରାଯାଉଥିଲା, ଯାହାଦ୍ୱାରା ରାଜ୍ୟର କୌଣସି 'ଭ୍ୟାଲୁ ଏଡିସନ୍' ହୋଇପାରୁନଥିଲା । କିନ୍ତୁ ଆମ ସରକାର କେବଳ ଖଣି ଉତୋଳନ ନୁହେଁ, ବରଂ ମ୍ୟାନୁଫ୍ୟାକ୍ଚରିଂ, ଖଣିଜଭିତ୍ତିକ ଉତ୍ପାଦନ ଏବଂ ଶିଳ୍ପାୟନ ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଏହି କ୍ରମରେ ଆମ ସରକାରଙ୍କ ଦ୍ୱାରା ଅଣାଯାଇଥିବା ଐତିହାସିକ 'ଭବ୍ୟ' ଯୋଜନା ଓଡ଼ିଶାର ଶିଳ୍ପାୟନକୁ ଏକ ନୂଆ ଗତି ଓ ଦିଗ୍‌ଦର୍ଶନ ଦେଇଛି । ଏହି ଯୋଜନା ଜରିଆରେ ରାଜ୍ୟର କଚାଂମାଲରୁ ଓଡ଼ିଶା ଭିତରେ ହିଁ ଫିନିସଡ୍ ପ୍ରଡକ୍ଟ ତିଆରି ହେବ, ଯାହାଦ୍ୱାରା ଆମର ଓଡ଼ିଆ ପୁଅ-ଝିଅ ହିଁ ଉଦ୍ୟୋଗୀ ହେବେ, ବୃହତ ଶିଳ୍ପାଚଂଳ ଗଢ଼ିଉଠିବ ଏବଂ ସ୍ଥାନୀୟ ସ୍ତରରେ ଲକ୍ଷ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିହେବ । ଦୀର୍ଘଦିନର ଅକର୍ମଣ୍ୟତା, ଖଣିଦୁର୍ନୀତି, କଚାଂମାଲ ଚାଲାଣର ନୀତି ଓ ସିଏଜି ରିପୋର୍ଟର କଠୋର ସତ୍ୟକୁ ଘୋଡ଼ାଇବା ପାଇଁ ବିରୋଧୀ ଦଳ ଆଜି କେବଳ ତଥ୍ୟହୀନ, ଅସତ୍ୟ ଏବଂ ଗ୍ରହଣଯୋଗ୍ୟତା ହରାଇସାରିଥିବା ବ୍ୟର୍ଥ ରାଜନୀତି କରୁଛନ୍ତି । ଓଡ଼ିଶା ଭଳି ରାଜ୍ୟର ବିକାଶ ପାଇଁ ମୁଁ ଓ ଆମ ଓଡ଼ିର ୨୦ଜଣ ସାଂସଦ ସଂସଦରେ ଖଣି ଓ ଖଣିଜ (ବିକାଶ ଓ ନିୟାମକ) ସଂଶୋଧନ ଅଧିନିୟମ-୨୦୨୬କୁ ପୂର୍ଣ୍ଣ ସମର୍ଥନ ଜଣାଇ ପାରିତ କରାଇଛନ୍ତି । ସଂସଦରେ ଓଡ଼ିଶାର ସ୍ୱରଭାବରେ ଜାତୀୟ ବିକାଶ ସହିତ ରାଜ୍ୟ ଅର୍ଥନୀତିର ସଂରଚନାଗତ ସ୍ୱାର୍ଥ, ଶିଳ୍ପସମୃଦ୍ଧି ଓ ଯୁବପିଢ଼ିଙ୍କ ଭବିଷ୍ୟତକୁ ରକ୍ଷାକରିବା ଆମ ସାଂସଦମାନଙ୍କର ପ୍ରାଥମିକ ଦାୟିତ୍ୱ ଥିଲା, ଯାହାକୁ ସେମାନେ ନିଷ୍ଠାର ସହ ପାଳନ କରିଛନ୍ତି । ଏମଏମଡିଆର ସଂଶୋଧନ ଆଇନ-୨୦୨୬ ଓଡ଼ିଶାର ସଂଘୀୟ ଅଧିକାରକୁ କ୍ଷୁଣ୍ଣ କରୁନାହିଁ, ବରଂ ରାଜ୍ୟକୁ ଖଣି ମାଫିଆଙ୍କ କବଳରୁ ମୁକ୍ତ କରି ସ୍ୱଚ୍ଛତା, ବୃହତ୍ ଶିଳ୍ପ ନିବେଶ ଓ ନିଯୁକ୍ତିର ଏକ ନୂଆ ଦିଗ ଦେଖାଉଛି । ଫମ୍ପାମାଠିଆ ଯେତେ ଶବ୍ଦ କଲେ ବି ତାହା ଭିତରେ ଜଳ ନଥାଏ । ସେହିପରି ବିରୋଧୀଙ୍କ ମିଥ୍ୟା ପ୍ରଚାର ଯେତେ ଜୋରଦାର ହେଲେ ବି ତାହା ଆଗରେ ସତ୍ୟ, ଆଇନଗତ ବାସ୍ତବତା ଓ ମୋଦି ସରକାରଙ୍କ ସ୍ୱଚ୍ଛ ବିକାଶ ନୀତି ସଦାସର୍ବଦା ବିଜୟୀ ହୋଇ ରହିବ ।

ଥିରୁ ଅତିକମ୍ରେ ୬୦% ଅର୍ଥ ବିଶୁଦ୍ଧ ପାନୀୟଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ ଓ ପ୍ରଦୂଷଣ ନିୟନ୍ତ୍ରଣ ଭଳି ଉଚ୍ଚ-ପ୍ରାଥମିକତା କ୍ଷେତ୍ରରେ ଖର୍ଚ୍ଚ କରାଯାଉଛି ଏବଂ ଅବିଶିଷ୍ଟ ୪୦% ରାସ୍ତା, ପୋଲ, ଯୋଗାଯୋଗ ଓ ବିକଳ୍ପ ଶକ୍ତି ଭିତିଭୂମିରେ ପୁଞ୍ଜିନିବେଶ ହେବ । ଢଜଓଝରଉ ଅଧୀନରେ ୧୯ବର୍ଷରେ ରାଜ୍ୟକୁ କିଛି ମିଳିନଥିବା ବେଳେ, ମୋଦି ସରକାର ଆସିବା ପରେ ଜିଲ୍ଲା ଖଣିଜ ପାଣ୍ଠି ମାଧ୍ୟମରେ କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ଯାଜପୁର ଭଳି ଜିଲ୍ଲାରେ ହଜାର ହଜାର କୋଟି ଟଙ୍କାର ବାସ୍ତବ ଭିତ୍ତିଭୂମି ନିର୍ମାଣ ହୋଇଛି । ମୋଦି ସରକାର ଆସିବା ପୂର୍ବରୁ ଅର୍ଥାତ୍ ୨୦୧୪ ପର୍ଯ୍ୟନ୍ତ ରାଜ୍ୟର ସମୁଦାୟ ଖଣି ରାଜସ୍ୱ ଆୟ ମାତ୍ର ୫,୦୦୦କୋଟି ଟଙ୍କାରେ ଅଟକି ରହିଥିଲା । ତେବେ ୨୦୧୪ରେ କେନ୍ଦ୍ରର ମୋଦୀ ସରକାର ଲୁହାପଥର ରୟାଲଟିକୁ ୧୫% ଆଡ୍-ଭାଲୋରେମକୁ ବୃଦ୍ଧି କଲେ ଏବଂ ୨୦୧୫ରେ ବାଧ୍ୟତାମୂଳକ ପ୍ରତିଯୋଗିତାମୂଳକ ଇ-ନିଲାମ ବ୍ୟବସ୍ଥା ଲାଗୁ କଲେ । ଏହି ସ୍ୱଚ୍ଛ ନୀତି ଓ ବିପ୍ଳବୀ ସଂସ୍କାର ଯୋଗୁଁ ହିଁ ଯେଉଁ ଖଣିଜ ଆୟ ୫,୦୦୦କୋଟି ଟଙ୍କାରେ ଅଟକିଥିଲା, ତାହା ବୃଦ୍ଧିପାଇ ଆଜି ପ୍ରାୟ ୫୦,୦୦୦କୋଟି ଟଙ୍କାରେ ପହଚିଂଛି । ଅପରପକ୍ଷରେ ବିରୋଧୀଙ୍କ ଯୁକ୍ତି ଅନୁସାରେ, ଖଣିଜ ଜମି ଉପରେ ଅତିରିକ୍ତ ୨୦% , ଢଜଓଝରଉ ଟିକସ ଲାଗୁହେବା ଉଚିତ । କିନ୍ତୁ ଏହାଦ୍ୱାରା ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯିବ । ,

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA , Pin :769003







## ଝାରସୁଗୁଡ଼ା ଗସ୍ତରେ ଉତରାଂଚଳ ରାଜସ୍ୱ କମିଶନର ତଥା ଭୋଟର ତାଲିକା ପର୍ଯ୍ୟବେକ୍ଷକ ସଂଗ୍ରାମ କେଶରୀ ମହାପାତ୍ର



ଝାରସୁଗୁଡ଼ା,୨୧/୯(ନି/ପ୍ର): ଉତରାଂଚଳ ରାଜସ୍ୱ କମିଶନର ତଥା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଭୋଟର ତାଲିକା ପର୍ଯ୍ୟବେକ୍ଷକ ସଂଗ୍ରାମ କେଶରୀ ମହାପାତ୍ର (ଭା.ପ୍ର.ସେ.) ଆଜି ଝାରସୁଗୁଡ଼ା ଜିଲ୍ଲା ଗସ୍ତ କରି ନିର୍ବାଚନ ସମ୍ପର୍କିତ ବିଭିନ୍ନ ପ୍ରସ୍ତୁତିର ତୃତୀୟ ପର୍ଯ୍ୟାୟ ସମୀକ୍ଷା କରିଛନ୍ତି । ଏହି ଗସ୍ତ ସମୟରେ ସେ ଜିଲ୍ଲାରେ ଭୋଟର ତାଲିକାର ଚୂଡ଼ାନ୍ତ ପ୍ରକାଶନ, ସମସ୍ତ ମତଦାନ କେନ୍ଦ୍ର ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏହାର ଉପଲବ୍ଧତା ଏବଂ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ଚୂଡ଼ାନ୍ତ ତାଲିକା ପ୍ରଦାନ ନିମନ୍ତେ କରାଯାଇଥିବା ସମସ୍ତ ପ୍ରସ୍ତୁତିର ତଦାରଖ କରିଥିଲେ । ସମସ୍ତ କାର୍ଯ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ଭାବେ ସମ୍ପାଦନ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ କୁଣାଲ ମୋତିରାମ ଚହ୍ୱାଣ (ଭା.ପ୍ର.ସେ.) ଉପସ୍ଥିତ ରହି ଜିଲ୍ଲାରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ଓ ପ୍ରକାଶନ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ଏଥିସହିତ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ୦୬-ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଲଳିତ କୁମାର ସୋରେଙ୍ଗ ଏବଂ ଉପଜିଲ୍ଲାପାଳ ତଥା ୦୭-ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସବ୍ୟସାଚୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀଗୁଡ଼ିକର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଇଥିଲେ । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ପ୍ରକ୍ରିୟା ସୁଚାରୁରୂପେ ସମ୍ପନ୍ନ କରିବା ଉପରେ ବୈଠକରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା ।

## ଝାରସୁଗୁଡ଼ାରେ ହକିର ନୂଆ ଉତ୍ସାହ :

### ୫ ବର୍ଷରେ ୧୨ଶହରୁ ଅଧିକ ଖେଳାଳି, ୪୦ରୁ ଅଧିକ ସ୍କୁଲରେ ଚାଲିଛି ପ୍ରଶିକ୍ଷଣ, ଅକ୍ଟୋବରରେ ଅନ୍ତର୍ଜିଲ୍ଲାସ୍ତରୀୟ ୫-ଏ-ସାଇଡ୍ ହକି ଟୁର୍ଣ୍ଣାମେଂଟ

ଝାରସୁଗୁଡ଼ା,୨୧/୯(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାରେ ହକି ଖେଳ ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ଦିନକୁ ଦିନ ବଢ଼ିବାରେ ଲାଗିଛି । ୨୦୨୨ରେ ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନ ଗଠନ ହେବା ପରଠାରୁ ଗତ ୫ ବର୍ଷ ମଧ୍ୟରେ ଜିଲ୍ଲାରେ ୧୨ଶହରୁ ଅଧିକ ହକି ଖେଳାଳି ସୃଷ୍ଟି ହୋଇଥିବା ଜଣାପଡ଼ିଛି । ବେଲପାହାଡ଼, ବ୍ରଜରାଜନଗର, ଲଇକେରା ଓ କିର୍ମିରା ବ୍ଲକର ୪୦ରୁ ଅଧିକ ସ୍କୁଲର ବାଳକ ଓ ବାଳିକା ହକି ପ୍ରଶିକ୍ଷଣ ନେଉଛନ୍ତି । ଆସୋସିଏସନ ପକ୍ଷରୁ ୩୮ଟି ସ୍କୁଲକୁ ଆଲଫା କମ୍ପାନୀର ହକି ସରଞ୍ଜାମ ଯୋଗାଇ ଦିଆଯାଇଛି । ଏଥିସହ ଆସୋସିଏସନର ନିଜସ୍ୱ ଉଦ୍ୟମରେ ଏକ ୱାଟର ବେସ୍ଡ ଟର୍ଫ ପଡ଼ିଆ ମଧ୍ୟ ନିର୍ମାଣ କରାଯାଇଛି । ଖେଳାଳିଙ୍କୁ ଉନ୍ନତ ପ୍ରଶିକ୍ଷଣ ଦେବା ପାଇଁ ୩ ଜଣ ଦକ୍ଷ କୋଚ୍‌ଙ୍କୁ ନିୟୋଜିତ କରାଯାଇଛି । ଜିଲ୍ଲା ଶିକ୍ଷା ବିଭାଗର ସହଯୋଗରେ ୩ ଜଣ ରାଜ୍ୟସ୍ତରୀୟ ହକି ଖେଳାଳିଙ୍କୁ ବିଭିନ୍ନ ସ୍କୁଲରେ ମଧ୍ୟ ନିଯୁକ୍ତି ଦିଆଯାଇଛି । ଆସନ୍ତା ଅକ୍ଟୋବର ୨୭ରୁ ଜିଲ୍ଲାରେ ଦ୍ୱିତୀୟ ସର୍ବଭାରତୀୟ ୫-ଏ-ସାଇଡ୍ ଅଣ୍ଡର-୧୭ ବାଳିକା ହକି ଟୁର୍ଣ୍ଣାମେଂଟ ଆୟୋଜିତ ହେବ । ଏଥିରେ ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଉତରପ୍ରଦେଶର ୧୨ଟି ଦଳ ଅଂଶଗ୍ରହଣ କରିବେ । ଚଳିତ ବର୍ଷ ଆନ୍ତଃସ୍କୁଲ ହକି ପ୍ରତିଯୋଗିତାରେ ମଧ୍ୟ ୪୦ଟି ସ୍କୁଲ ଦଳ ଭାଗ ନେବେ । ହକି ଆସୋସିଏସନର ବରିଷ୍ଠ ସଦସ୍ୟ ତଥା ଓଡ଼ିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତିଙ୍କ କହିବା ଅନୁଯାୟୀ, ଜିଲ୍ଲାର ୫୦ଟି ସ୍କୁଲକୁ ଯୋଡ଼ି ୧୫ଶହରୁ ଅଧିକ ଖେଳାଳି ସୃଷ୍ଟି କରିବା ଆସୋସିଏସନର ଲକ୍ଷ୍ୟ । ଆସୋସିଏସନର କାର୍ଯ୍ୟକଳାପକୁ ନେଇ ପ୍ରସ୍ତୁତ ୨୦ ମିନିଟର ଡକ୍ୟୁମେଂଟାରୀ ଫିଲ୍ମ ଏବଂ ୫ ବର୍ଷର ସ୍ମାରକୀ ପୁସ୍ତକକୁ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡ. ବୃନ୍ଦା ଡି. ପ୍ରଶଂସା କରିଛନ୍ତି । ସୂଚନାଯୋଗ୍ୟ, ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହଯୋଗରେ ଆସୋସିଏସନକୁ ୪ ଏକର ୮୦୦ ଡେସିମିଲ ଜମିର ପଟ୍ଟା ମଧ୍ୟ ମିଳିସାରିଛି ।

## ବରଗଡ଼ରେ ବଜ୍ରପାତ ନେଲା ପୁଣି ୨ ଜୀବନ





ବରଗଡ଼/ସୋହେଲା,୨୧/୯(ନି/ପ୍ର): ବରଗଡ଼ ଜିଲ୍ଲାରେ ଆଜି (ଶୁକ୍ରବାର) ବ୍ରଜପାତ ଘଟି ପୁଣି ଦୁଇଜଣଙ୍କ ଜୀବନ ଯାଇଛି । ମୃତକମାନେ ହେଲେ ସୋହେଲା ପଧାନପାଲି ଗ୍ରାମର ସୁରେଶ ପଧାନ(୫୦) ଓ ବରଗଡ଼ ଟାଉନ୍ ଥାନା କଟାପାଲି ଗ୍ରାମର ଦେବକୀ ଗରିୟା(୪୦) । ପୁଲିସ ମୃତଦେହ ଜବତ କରି ଦୁଇଟି ପୃଥକ୍ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହାକୁ ମିଶାଇ ଗତ ୨୪ ଘଟାଂରେ ବଜ୍ରପାତରେ ବରଗଡ଼ ଜିଲ୍ଲାରେ ୪ଜଣଙ୍କ ମୃତ୍ୟୁ ହୋଇଛି । ସୂଚନା ଅନୁସାରେ, ସୁରେଶ ଜଣେ ଚାଷୀ ହୋଇଥିବା ବେଳେ ସେ ଶୁକ୍ରବାର ମଧ୍ୟାହ୍ନରେ ଚାଷଜମିରେ କାମ କରୁଥିଲେ । ଏହି ସମୟରେ ହଠାତ୍ ଘଡ଼ଘଡ଼ି ସହ ବଜ୍ରପାତ ହୋଇଥିଲା । ବଜ୍ରାଘାତରେ ସେ ବିଲରେ ହିଁ ଟଳି ପଡ଼ିଥିଲେ । ଅନ୍ୟମାନେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା । ପରିବାରବର୍ଗଙ୍କ ଇଚ୍ଛା କ୍ରମେ ତାଙ୍କର ଚକ୍ଷୁଦାନ କରାଯାଇଛି । ଖବର ପାଇ ରାଜ୍ୟ ବିଜେଡି ଉପସଭାପତି ସୁବ୍ରତ ସିଂ ସୋହେଲା ମେଡିକାଲରେ ପହଚିଂ ମୃତକଙ୍କ ପରିବାରବର୍ଗଙ୍କୁ ସାକ୍ଷାତ କରି ସମବେଦନା ଜ୍ଞାପନ କରିଥିଲେ ।ସେହିପରି କଟାପାଲିର ସୁଶାନ୍ତ ଗରିୟାଙ୍କ ପତ୍ନୀ ଦେବକୀ ଅପରାହ୍ଣରେ ଏକ ଚାଷ ଜମିରେ ମୁଲିଆ ଭାବେ କାମ କରୁଥିଲେ ।ଏହି ସମୟରେ ବ୍ରଜପାତ ଘଟିଥିଲା । ଫଳରେ ସେ ବିଲରେ ପଡ଼ି ଯାଇଥିଲେ । ତାଙ୍କୁ ଅନ୍ୟମାନେ ଉଦ୍ଧାର କରି ବରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୂଚନାଯୋଗ୍ୟ, ଗତକାଲି (ଗୁରୁବାର) ମଧ୍ୟ ସୋହେଲା ଅଚଂଳରେ ବଜ୍ରପାତରେ ଦୁଇଜଣ ମହିଳାଙ୍କ ମୃତ୍ୟୁ ଘଟିଥିଲା ।

## ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତି କରଣ ଶିବିର




ଝାରସୁଗୁଡା,୨୧/୯(ନି/ପ୍ର): ଜିଲ୍ଲା ସଂଚୟ ଓ ଆର୍ଥିକ ସେବା ବିଭାଗ ଆନୁକୁଲ୍ୟରେ ଆଜି ସଂସ୍କାର ପବ୍ଲିକ୍ ସ୍କୁଲ ପରିସରରେ ଏକ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତି କରଣ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷୟିତ୍ରୀ ପ୍ରିୟଙ୍କା ମହାନ୍ତି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ ଓ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ସୁମନା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହିତ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ । ଝାରସୁଗୁଡା ମୁଖ୍ୟ ଡାକଘରର ପୋଷ୍ଟମାଷ୍ଟର ପ୍ରତାପ ଚନ୍ଦ୍ର ଭୋଇ ଭାରତ ସରକାରଙ୍କର ବିଭିନ୍ନ ସ୍ୱଳ୍ପ ସଂଚୟ ଯୋଜନା ଏବଂ ପୋଷ୍ଟାଲ ବୀମା ଯୋଜନା ଉପରେ ଆଲୋକପାତ କରିଥିଲେ । ଆର୍ଥିକ ସାକ୍ଷରତା ପରାମର୍ଶଦାତା କୃଷ୍ଣଚନ୍ଦ୍ର ନାୟକ ଚିଟ ଫଣ୍ଡର ଅପକାରିତା ଓ ବ୍ୟାଙ୍କର ବିଭିନ୍ନ ଜମା ଯୋଜନା, ବୀମା ଯୋଜନା ଏବଂ ଋଣ ଯୋଜନା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଇଣ୍ଡିଆନ ପୋଷ୍ଟ ପେମେଂଟ ବ୍ୟାଙ୍କର ବରିଷ୍ଠ ଶାଖା ପରିଚାଳକ ହରିଶ ସଜ୍ଜନାପୁ ସାଇବର ଅପରାଧ ଓ ଭାରତ ସରକାରଙ୍କ ବୀମା ଓ ପେନସନ ଯୋଜନା ବିଷୟରେ ଆଲୋଚନା କରିଥିଲେ । ସଂସ୍କାର ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷ କନ୍ଦର୍ପ ସାହୁ ଆର୍ଥିକ ସାକ୍ଷରତାର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଶିକ୍ଷୟିତ୍ରୀ ପ୍ରିୟଙ୍କା ପାଇକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ସଂଚୟ ଓ ଆର୍ଥିକ ସେବା ବିଭାଗର କର୍ମଚାରୀ ହେମକାନ୍ତ ବାଗ, ଜଗନ୍ନାଥ ରାଉତ ଏବଂ ସଂସ୍କାର ପବ୍ଲିକ୍ ସ୍କୁଲର ବରିଷ୍ଠ ଶିକ୍ଷକ ଜିତେନ୍ଦ୍ର ସୁନା ସହଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ ସଂସ୍କୃତ ଦିବସ ସମାରୋହ



ଝାରସୁଗୁଡ଼ା,୨୧/୯(ନି/ପ୍ର): ଜିଲ୍ଲା ସଂସ୍କୃତ ଶିକ୍ଷକ ମହାସଂଘ ତରଫରୁ ଜିଲ୍ଲା ସଂସ୍କୃତି ଭବନ ଠାରେ ଆଜି ଜିଲ୍ଲାସ୍ତରୀୟ ସଂସ୍କୃତ ଦିବସ ସମାରୋହ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ଉପସ୍ଥିତ ରହି ସଂସ୍କୃତ ହେଉଛି ପରିବାର ସ୍ତରରୁ ଆରମ୍ଭ ହୋଇ ବିଶ୍ୱ ସ୍ତରୀୟ ଭାଷା ଭାବରେ ପରିଗଣିତ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତା ରୂପରେ ପୁରୀସ୍ଥିତ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଆସିଷ୍ଟାଂଟ ପ୍ରଫେସର୍ ରମାକାନ୍ତ ସା ସଂସ୍କୃତର ମହାନତା ବିଷୟରେ ଆଲୋକପାତ କରିଥିଲେ । ବିଶିଷ୍ଟ ଅତିଥି ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ, ଝାରସୁଗୁଡ଼ା ଡ଼. ରାଧାକାନ୍ତ ଗଡତିଆ ଉପସ୍ଥିତ ରହି ଶିକ୍ଷକ ମାନଙ୍କୁ ବିଦ୍ୟାଳୟ ସ୍ତରରେ ସଂସ୍କୃତର ସମ୍ଭାଷଣ ବର୍ଦ୍ଧନ ପାଇଁ ଉପଦେଶ ଦେଇଥିଲେ । ତତ୍ପରେ ଜିଲ୍ଲା ସଂସ୍କୃତ ଶିକ୍ଷକ ସଂଘର ସଭାପତି ଡ଼. ଭାବଗ୍ରାହୀ ଦାଶ ସଂସ୍କୃତର ମହାନତା ଉପରେ ମତ ରଖିଥିଲେ । ସଭା ଆରମ୍ଭରେ ଶିକ୍ଷକ ସୁବଳ କୁମାର ମିଶ୍ର ମନ୍ତ୍ରପାଠ କରିଥିବା ବେଳେ ଗଦାଧର ପ୍ରଧାନ ଓ ବିନୀତା ପ୍ରଧାନ ମଂଚ ସଂଚାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷରେ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ କଳ୍ପନା ପଟେଲଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶିକ୍ଷୟିତ୍ରୀ ଭାରତୀ ପ୍ରଧାନ ବିବରଣୀ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ମାର୍ଗଦର୍ଶକ ଭାବରେ ସୁଶିଲ କୁମାର୍ ସାହୁ ସଂଘକୁ ସୁଭାଶିଷ ପ୍ରଦାନ କରିଥିବା ବେଳେ ସମ୍ପାଦକ କୌଶିକ ବେହେରାଙ୍କ ପ୍ରରୋଚନାରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହାୟତାରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାରସିଂହ ସହଯୋଗ ପ୍ରଦାନ କରିଥିବାବେଳେ ଶିକ୍ଷକ ବିଜୟ କୁମାର ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା : ୭୭୫ ବରିଷ୍ଠ ନାଗରିକଙ୍କ ଅଯୋଧ୍ୟା-ବାରାଣସୀ ଗସ୍ତ ପ୍ରସ୍ତୁତି



ସମ୍ବଲପୁର,୨୧/୯(ନି/ପ୍ର): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୬-୨୭ ଅଧୀନରେ ଆସନ୍ତା ସେପ୍ଟେମ୍ବର ୨୨ ରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଅଯୋଧ୍ୟା-ବାରାଣସୀ ତୀର୍ଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ହୋଇଯାଇଛି । ଏହି ପରିପ୍ରେକ୍ଷିରେ ଆଜି ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷ ପରିସରରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନାଗରିକଙ୍କ ଏହି ଆଧ୍ୟାତ୍ମିକ ଯାତ୍ରାରେ ବିଭିନ୍ନ ଜିଲ୍ଲାରୁ ମୋଟ ୭୭୫ ଜଣ ତୀର୍ଥଯାତ୍ରୀ ଏବଂ ୨୫ ଜଣ ସହଯୋଗୀ (ଏସ୍କର୍ଟ) ଭାଗ ନେବେ । ଏହି ଦଳରେ ସମ୍ବଲପୁରରୁ ୮୯ ଜଣ, ବଲାଙ୍ଗୀରରୁ ୧୪୧, ବରଗଡ଼ରୁ ୧୨୭, ଝାରସୁଗୁଡ଼ାରୁ ୫୦, ସୁନ୍ଦରଗଡ଼ରୁ ୧୮୦, ସୁବର୍ଣ୍ଣପୁରରୁ ୫୨, ଦେବଗଡ଼ରୁ ୨୭ ଏବଂ ଅନୁଗୁଳ ଜିଲ୍ଲାରୁ ୧୦୯ ଜଣ ତୀର୍ଥଯାତ୍ରୀ ସାମିଲ ହେବାର ସ୍ପଷ୍ଟ ହୋଇଛି । ତୀର୍ଥଯାତ୍ରୀଙ୍କ ରହିବା ପାଇଁ ସମ୍ବଲପୁରର ପାନ୍ଥନିବାସ, କ୍ଷେତରାଜପୁରର ଅଗ୍ରସେନ ଭବନ, ରେଳବାଇ କମ୍ୟୁନିଟି ସେଂଟର ଏବଂ ରେଳବାଇ ଇନଷ୍ଟିଚ୍ୟୁଟ ହଲ୍ରେ ସ୍ୱତନ୍ତ୍ର ସ୍ୱଳ୍ପକାଳୀନ ରହଣୀ ବ୍ୟବସ୍ଥା କରାଯାଇଛି । ସମସ୍ତ ତୀର୍ଥଯାତ୍ରୀ ମାନଙ୍କ ସୁବିଧା ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ସମସ୍ତ ଆବଶ୍ୟକୀୟ ଆନୁସଙ୍ଗିକ ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଛି । ଓଟିଡିସି ପକ୍ଷରୁ ଭୋଜନର ବ୍ୟବସ୍ଥା କରାଯାଇଥିବା ବେଳେ ବ୍ଲକ ମୁଖ୍ୟାଳୟରୁ ସମ୍ବଲପୁର ଏବଂ ରହିବା ସ୍ଥାନରୁ ରେଳ ଷ୍ଟେସନ ପର୍ଯ୍ୟନ୍ତ ଯାତାୟାତ ସୁବିଧା ଯୋଗାଇ ଦିଆଯିବ । ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଚିକିତ୍ସା ଦଳ ନିୟୋଜିତ ରହିବେ । ଏହା ସହିତ ରହିବା ସ୍ଥାନ ଏବଂ ରେଳ ଷ୍ଟେସନରେ ନିରାପତା, ସୁରକ୍ଷା ଓ ସଫାଇ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏହି ଅବସରରେ ଶୁଭାରମ୍ଭ ଉତ୍ସବ ଏବଂ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ପ୍ରସ୍ତୁତି ମଧ୍ୟ ହୋଇସାରିଛି ।




## ଗୁଡ଼ିଗାଁରେ ଇଡକୋକୁ ଜମି ହସ୍ତାନ୍ତରକୁ ନେଇ ବିରୋଧ

### ତହସିଲଦାରଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ, ସାଧାରଣ ଶୁଣାଣି ଦାବି

ଝାରସୁଗୁଡ଼ା,୨୧/୯(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ତହସିଲ ଅନ୍ତର୍ଗତ ଗୁଡ଼ିଗାଁ ମୌଜାର ୬୨.୩୭ ଏକର ସରକାରୀ ଜମିକୁ ଇଡକ୍କୋକୁ ହସ୍ତାନ୍ତର କରି ଶିଳ୍ପ ପ୍ରତିଷ୍ଠା ପାଇଁ ଦିଆଯିବା ପ୍ରସ୍ତାବକୁ ଗ୍ରାମବାସୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ବିରୋଧ କରିଛନ୍ତି । ଏନେଇ ଶନିବାର ଗ୍ରାମବାସୀଙ୍କ ପକ୍ଷରୁ କୋଲାବିରା ତହସିଲଦାର ମନୋଜ ପ୍ରଭାକର କୁଜୁରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗୁଡ଼ିଗାଁ ମୌଜାର ଖାତା ନମ୍ବର ୧୯୪ ଅଧୀନ ୬ଟି ପ୍ଲଟର ପ୍ରାୟ ୬୨ ଏକର ୩୭ ଡିସିମିଲ ସରକାରୀ ଜମିକୁ ଇଡକ୍କୋ ମାଧ୍ୟମରେ ଶିଳ୍ପ ପ୍ରତିଷ୍ଠା ପାଇଁ ଲିଜ୍ ଦେବାକୁ ତହସିଲ ପକ୍ଷରୁ ନୋଟିସ୍ ଜାରି ହୋଇଛି । ତେବେ ଏହି ଜମି ଗ୍ରାମବାସୀଙ୍କ ଗୋଚର, ଜୀବିକା ଓ ବିଭିନ୍ନ ସାମାଜିକ ଆବଶ୍ୟକତା ପାଇଁ ବ୍ୟବହୃତ ହେଉଥିବାରୁ ଏହା ହସ୍ତାନ୍ତର ହେଲେ ସ୍ଥାନୀୟ ଲୋକଙ୍କ ଜୀବିକା ପ୍ରଭାବିତ ହେବ ବୋଲି ସେମାନେ ଦର୍ଶାଇଛନ୍ତି । ଶିଳ୍ପ ପ୍ରତିଷ୍ଠା ହେଲେ ଗୋଚର ଜମିର ଅଭାବ ସହ ଧୂଳି, ଧୂଆଁ, ଶବ୍ଦ ଏବଂ ବାୟୁ ଓ ଜଳ ପ୍ରଦୂଷଣ ବୃଦ୍ଧି ପାଇବା ଆଶଙ୍କା ରହିଥିବା ଗ୍ରାମବାସୀ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ଏହାଦ୍ୱାରା ଗ୍ରାମୀଣ ପରିବେଶ ଓ ସ୍ଥାନୀୟ ଲୋକଙ୍କ ଜୀବନଯାପନ ପ୍ରଭାବିତ ହେବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି । ତେଣୁ ଜମି ଆବଂଟନ ନିଷ୍ପତି ପୂର୍ବରୁ ଗ୍ରାମବାସୀ ଓ ସରପଂଚଙ୍କୁ ନେଇ ସାଧାରଣ ଶୁଣାଣି କରିବା, ଜମିର ପ୍ରତ୍ୟକ୍ଷ ସ୍ଥିତି ଯାଂଚ କରି ବିକଳ୍ପ ସରକାରୀ ଜମି ଚିହ୍ନଟ କରିବା ଏବଂ ଗ୍ରାମବାସୀଙ୍କ ଜୀବିକା ଓ ଭବିଷ୍ୟତ ଆବଶ୍ୟକତାକୁ ବିଚାରକୁ ନେଇ ପ୍ରସ୍ତାବର ପୁନଃବିଚାର କରିବାକୁ ଦାବି କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ କୋଲାବିରା ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲ, ଜିଲ୍ଲା ପରିଷଦ ସଭ୍ୟ ନୃପଲାଲ ପଶାୟତ, ଅତୁଲ୍ୟ ବିର୍ଗଠିଆ, ମନୋଜ ପଟେଲ, ଧର୍ମେନ୍ଦ୍ର କିଶାନ, ଦିବ୍ୟଲୋଚନ କିଶାନ, ଉମେଶ ସାନ୍ଧ, ହୃଷୀକେଶ ପଟେଲଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଘନ କୁହୁଡ଼ିର ଚାଦର ତଳେ ଘୁ.ଉଦୟଗିରି



ଘୁ.ଉଦୟଗିରି,୨୧/୯(ନି/ପ୍ର): ଚଳିତ ବର୍ଷର ପ୍ରଥମ କୁହୁଡି ସାଙ୍ଗକୁ ପାହାନ୍ତିଆ ଶୀତ ଅନୁଭୂତ ହୋଇଛି । କନ୍ଧମାଳଜିଲ୍ଲା ଘୁମୁସର ଉଦୟଗିରି ଅଚଂଳରେ ଲୋକେ ଆଜି ଘନ କୁହୁଡ଼ିର ଅନୁଭୂତି ଅନୁଭବ କରିଛନ୍ତି । ଘୁ.ଉଦୟଗିରି ଅଚଂଳ ପ୍ରବଳ ମାତ୍ରାରେ କୁହୁଡ଼ି ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହେଉଥିବା ଲକ୍ଷ୍ୟ କରାଯାଇଛି । କୁହୁଡ଼ି ଯୋଗୁଁ ପାହାନ୍ତିଆରୁ ସାମାନ୍ୟ ଶିତ ବି ଅନୁଭୂତ ହେଉଅଛି । ଘୁ.ଉଦୟଗିରି ଏବଂ କଳିଙ୍ଗା ଅଚଂଳରେ କୁହୁଡ଼ି ଯୋଗୁଁ କଳିଙ୍ଗା ଘାଟିରେ ଯାନ ବାହାନ ଚଳାଚଳ ସାମାନ୍ୟ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣା ଆଶଙ୍କା ରହିଛି । ରାସ୍ତାରେ ଲୋକ ମାନେ ଯିବା ଆସିବା ବି ବାଧାପ୍ରାପ୍ତ ହୋଇଛି । କୁହୁଡ଼ିରେ ଯାତାୟାତ ପ୍ରତି ସତର୍କତା ଅବଲମ୍ବନ ନ କଲେ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେବା ଆଶଙ୍କା ରହିଛି । ଚଳିତ ବର୍ଷ ବର୍ଷା ସାଙ୍ଗକୁ ମେଘୁଆ ପାଗ ତା ସହ ସକାଳୁ କୁହୁଡି ଜଙ୍ଗଲ ପାହାଡ଼ ଘେରା ସ୍ଥାନୀୟ ଅଚଂଳରେ କୁହୁଡି ଆରମ୍ଭ ହେଲେ ତା ସହ ଟିକିଏ ଶୀତ ଏହାର ମଜା ଉଠେଇବାକୁ ବାହାର ଜିଲ୍ଲା ଏବଂ ରାଜ୍ୟର ପର୍ଯ୍ୟଟକ ଏହି ଅଚଂଳକୁ ଆସନ୍ତି ସବୁଜ ସୁନ୍ଦର ପର୍ଯ୍ୟଟନର ମଜା ଉଠାନ୍ତି ।

## ପୌରସଂସ୍ଥା ଦୃଷ୍ଟିହୀନ ବିଦ୍ୟାଳୟ ପରିଦର୍ଶନ କଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା, ୨୧/୯(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର ଆଜି କେନ୍ଦ୍ରାପଡ଼ା ସହରର ଅଯୋଧ୍ୟାନଗରସ୍ଥିତ ପୌରସଂସ୍ଥା ଦୃଷ୍ଟିହୀନ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା, ଭିତିଭୂମି, ଶିକ୍ଷଣ ପରିବେଶ ଏବଂ ଛାତ୍ରଛାତ୍ରୀଙ୍କ ବିଭିନ୍ନ ଆବଶ୍ୟକତା ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ଉପସ୍ଥିତ ଥିଲେ । ପରିଦର୍ଶନ ସମୟରେ ଜିଲ୍ଲାପାଳ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ପାଠପଢ଼ା, ଦୈନନ୍ଦିନ କାର୍ଯ୍ୟକଳାପ, ଆବଶ୍ୟକତା ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଛାତ୍ରଛାତ୍ରୀଙ୍କ ଉତ୍ସାହ, ଆତ୍ମବିଶ୍ୱାସ ଓ ସକାରାତ୍ମକ ମନୋଭାବକୁ ଜିଲ୍ଲାପାଳ ପ୍ରଶଂସା କରିଥିଲେ । ଜିଲ୍ଲାପାଳ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କ ସହ ମଧ୍ୟ ଆଲୋଚନା କରି ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ, ଯତ୍ନ, ମାର୍ଗଦର୍ଶନ ଏବଂ ବିଦ୍ୟାଳୟ ପରିଚାଳନା ସମ୍ପର୍କରେ ତଥ୍ୟ ନେଇଥିଲେ । ଏଥିସହ ବିଦ୍ୟାଳୟରେ ଉପଲବ୍ଧ ବିଭିନ୍ନ ସୁବିଧା, ଶିକ୍ଷଣ ପରିବେଶ ଓ ଆବଶ୍ୟକ ଭିତିଭୂମିର ସ୍ଥିତି ମଧ୍ୟ ସମୀକ୍ଷା କରିଥିଲେ । ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପାଇଁ ନିରାପଦ, ସମାବେଶୀ ଓ ସହାୟକ ଶିକ୍ଷା ପରିବେଶ ସୁନିଶ୍ଚିତ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଛାତ୍ରଛାତ୍ରୀମାନେ ଯେପରି ଆତ୍ମବିଶ୍ୱାସର ସହ ଶିକ୍ଷା ଗ୍ରହଣ କରି ନିଜର ଦକ୍ଷତା ଓ ପ୍ରତିଭାର ବିକାଶ କରିପାରିବେ, ସେଥିପାଇଁ ଆବଶ୍ୟକ ସହଯୋଗ ଓ ସୁବିଧା ପ୍ରଦାନ ଉପରେ ସେ ଗୁରୁତ୍ୱ ଦେଇଥିଲେ । ବିଦ୍ୟାଳୟର ବିଭିନ୍ନ ଆବଶ୍ୟକତା ଓ ଛାତ୍ରଛାତ୍ରୀଙ୍କ ବିଶେଷ ଶିକ୍ଷାଗତ ତଥା କଲ୍ୟାଣମୂଳକ ଆବଶ୍ୟକତା ପ୍ରତି ଅଧିକ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

### ମହିନ୍ଦ୍ରା ସୋ'ରୁମ୍ ନିକଟରେ ଭୟଙ୍କର ଦୁର୍ଘଟଣା

ସମ୍ବଲପୁର,୨୧/୯(ନି/ପ୍ର): ଶୁକ୍ରବାର ରାତି ୧୨ଟା ବେଳେ ନାଇଟ୍ ପେଟ୍ରୋଲିଙ୍ଗ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀମାନେ ଆଇରନ୍ ଫ୍ୟାକ୍ଟ୍ରି ଅଚଂଳସ୍ଥିତ ମହିନ୍ଦ୍ରା ସୋ'ରୁମ୍ ସମ୍ମୁଖରେ ଏକ ୨୨ ଚକିଆ ଟ୍ରକ୍ ଭୟଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖିଥିଲେ । ଦୁର୍ଘଟଣାରେ ଟ୍ରକ୍ର ଚାଳକ ଓ ହେଲ୍ପର ଗାଡ଼ି ଭିତରେ ଗୁରୁତର ଭାବେ ଫସି ଯାଇଥିବା ଦେଖିବାକୁ ମିଳିଥିଲା ।




# ଅର୍ଚ୍ଚନା ପାତ୍ରଙ୍କ ଗଳ୍ପ ସଙ୍କଳନ ଆଉ ଏକ ରଙ୍ଗ ଲୋକାର୍ପିତ

## ଇସ୍ପାତ୍ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନାବରଣ ଉତ୍ସବ.....



ରାଉରକେଲା,୨୧/୯(ନି/ପ୍ର): ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସେକ୍ଟର ସାତ ସ୍ଥିତ କାର୍ଯ୍ୟାଳୟ ଠାରେ ସଂସଦର ସଦସ୍ୟା ଅର୍ଚ୍ଚନା ପାତ୍ରଙ୍କ ଲିଖିତ ୨୦୨୫ ବର୍ଷର ଟାଇମ ପାସ ପ୍ରଥମା ପୁରସ୍କାର ପ୍ରାପ୍ତ ଗଳ୍ପ ସଙ୍କଳନ 'ଆଉ ଏକ ରଙ୍ଗ' , ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ପୌରୋହିତ୍ୟରେ ଲୋକାର୍ପିତ ହୋଇଯାଇଛି । ଓ କବି ସୁସ୍ମିତା ମହାପାତ୍ରଙ୍କ ମଚଂ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ଭୂପେନ ମହାପାତ୍ର,ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ କବି ରାଜୀବ ପାଣି, ପୁସ୍ତକ ସମୀକ୍ଷକ ଭାବରେ କବୀ ବିଜୟିନୀ ଜେନା ଓ ଗାଳ୍ପିକ ସଞ୍ଜିବ କୁମାର ଭୋଇ ଯୋଗଦାନ କରିଥିଲେ। ପୁସ୍ତକ ଲୋକାର୍ପିତ କରିବା ଅବସରରେ ମୁଖ୍ୟଅତିଥି ଶ୍ରୀ ମହାପାତ୍ର ଓ ସମ୍ମାନିତ ଅତିଥି ଶ୍ରୀ ପାଣି ସଫଳ ଗଳ୍ପ ଗୁଡ଼ିକ ସମାଜକୁ ସୁଧାରିବାରେ ଏବଂ ଦିଗଦର୍ଶନ ଦେବାରେ ସର୍ବଦା ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି, ତଥା ଶବ୍ଦ କୁ ସଂଯମତା ସହ ବ୍ୟବହାର କଲେ ଭଲ ସାହିତ୍ୟ ସୃଷ୍ଟି ହୁଏ ବୋଲି ବିଭିନ୍ନ ଉଦାହରଣ ପୂର୍ବକ ମତ ପ୍ରକାଶ କରିଥିଲେ। ମଚାଂସୀନ ଅତିଥିଙ୍କ ସମେତ ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦ, ଲେଖିକା ସୁନୀତା ସାହୁ, ପଙ୍କଜ କୁମାର ପାତ୍ର, ଦିବ୍ୟ ଦର୍ଶିକା ପାତ୍ର ପ୍ରମୁଖ ପୁସ୍ତକ ଅନାବରଣ ବେଳେ ମଚଂରେ ଉପସ୍ଥିତ ଥିଲେ। ଗାଳ୍ପିକା ଶ୍ରୀମତୀ ପାତ୍ର ତାଙ୍କର ସାହିତ୍ୟିକା ଜୀବନର କ୍ରମ ବିକାଶ ବାବଦରେ ବର୍ଣ୍ଣନା ପୂର୍ବକ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଗାଳ୍ପିକ ଗୌତମ ଦାସ ଲୋକାର୍ପିତ ପୁସ୍ତକରୁ ଏକ ନିର୍ବାଚିତ ଗଳ୍ପ ପାଠ କରିଥିଲେ। ଦୁଇ ସମୀକ୍ଷକ ପୁସ୍ତକର ଗଳ୍ପ ଗୁଡ଼ିକ ଆମ ସମାଜରେ ଘଟୁଥିବା ଛୋଟ ଛୋଟ ଘଟଣା ଗୁଡ଼ିକ ଉପରେ ପର୍ଯ୍ୟବେସିତ ହୋଇଛି ଏବଂ ସମାଜକୁ ସୁଧାରିବାରେ ଏଗୁଡ଼ିକର ପ୍ରମୁଖ ଭୂମିକା ରହିଛି ବୋଲି ମତ ପ୍ରକାଶ କରି ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ମତ ପ୍ରକାଶ କରିଥିଲେ।କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ପ୍ରତାପ କୁମାର ପଣ୍ଡା, ଉପେନ୍ଦ୍ର ବସ୍ତିଆ, ପ୍ରକାଶ ଚନ୍ଦ୍ର ସେଠୀ, ସୂର୍ଯ୍ୟ ନାରାୟଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। କବି ଗୀତାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଅଭୟ କୁମାର ଦାସ, ଡାକ୍ତର କୃପାସିନ୍ଧୁ ନାୟକ, ଲକ୍ଷ୍ମଣ ନାଥ ଦାସ,ଡାକ୍ତର ଗୀତାଞ୍ଜଳୀ ପତ୍ରୀ, ରଶ୍ମିବାଳା ରାଉତରାୟ, କୁଞ୍ଜବିହାରୀ ରାଉତ,ଡ଼ ନଗେନ୍ ଦାସ,ମଞ୍ଜୁଳା କୁମାରୀ ରଥ, ବିଜୟ ରାୟ,ଶର୍ମିଷ୍ଠା କବି ଶତପଥୀ, ହରମୋହନ ମିଶ୍ର, ତ୍ରିଲୋଚନ ମଥାନ, ତାରିଣୀ ଚରଣ ସାହୁ,ରଶ୍ମି ସାହୁ, ତ୍ରିନାଥ ସିଂ, ଜୟଶ୍ରୀ ଦାସ, ବନଲତା ମିଶ୍ର, ସବିତା ବସ୍ତିଆ, ବ୍ରଜ ବିହାରୀ ଦାଶ, ପ୍ରବୀର କୁମାର ଦୁବେ, ରମେଶ ସିଂହ, ଅଶୋକ କୁମାର ପଟ୍ଟନାୟକ, ଜ୍ଞାନେନ୍ଦ୍ର ସାହୁ, ବିନତା ମହନ୍ତ, ବଳରାମ ରାଉଳ, ସୁକାନ୍ତ ଖୁଣ୍ଟିଆ, ଜଗନ୍ନାଥ ରାଉତ, ଅକ୍ଷୟ ସାମଲ, ରାଧା ମୋହନ ନାୟକ,ଅରବିନ୍ଦ ପାତ୍ର, ନିରୁପମା ପତି,ସସ୍ମିତା ପ୍ରଧାନ, ରମେଶ ଚନ୍ଦ୍ର ପାତ୍ର, ହୃଦାନନ୍ଦ ପଟେଲ ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ।

# ବିଳମ୍ବିତ ରାତିର ଅଗ୍ନିକାଣ୍ଡରେ ପାନପୋଷ ବଜାରର ଚାରୋଟି ପରିବା ଦୋକାନ ଜଳିଗଲା



ରାଉରକେଲା,୨୧/୯(ନି/ପ୍ର): ରବିବାର ବିଳମ୍ବିତ ରାତିରେ ରାଉରକେଲାର ପାନପୋଷ ବଜାରରେ ଅଗ୍ନିକାଣ୍ଡ ଘଟି ୪ଟି ପରିବା ଦୋକାନ ଜଳିଯାଇଛି। ଅଗ୍ନି ଅନ୍ୟ ଦୋକାନଗୁଡ଼ିକୁ ବ୍ୟାପିବା ପୂର୍ବରୁ ଅଗ୍ନିଶମ ବାହିନୀ ସେଠାରେ ପହଚିଂ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ କର୍ମଚାରୀଙ୍କ ତୁରନ୍ତ ହସ୍ତକ୍ଷେପ ଯୋଗୁଁ ନିଆଁ ନିୟନ୍ତ୍ରଣରେ ରହିଯାଇଥିଲା। ସୂଚନା ଅନୁସାରେ ପାନପୋଷ ବଜାରକୁ ରବିବାର ଥିବାରୁ ବହୁ ପନିପରିବା ବିକ୍ରେତା ବଜାରକୁ ପରିବା ବିକ୍ରୟ କରିବା ପାଇଁ ଆସିଥିଲେ। ପୂର୍ବରୁ ଆଳୁ ପିଆଜ ଦୋକାନ ମଧ୍ୟ ସେଠାରେ କରିଥିଲେ। ରବିବାର ବିଳମ୍ବିତ ରାତିରେ ହଠାତ୍ ଅଗ୍ନିକାଣ୍ଡ ଘଟି ଚାରୋଟି ଦୋକାନକୁ ବ୍ୟାପି ଯାଇଥିଲା। ଏଥିରେ ଦୋକାନ ଭିତରେ ଥିବା ଗଚ୍ଛିତ ସାମଗ୍ରୀ ସହିତ ଅନ୍ୟାନ୍ୟ ସାମଗ୍ରୀ ପୋଡି ନଷ୍ଟ ହୋଇଗଲା। ଏହି ଅଗ୍ନିକାଣ୍ଡରେ ପ୍ରଭାବିତ ଦୋକାନଗୁଡ଼ିକ ହେଉଛି ଶଙ୍କର ସାହୁ, ବିପିନ ସାହୁ, ଉପେନ୍ଦ୍ର ସାହୁ ଏବଂ ଏମ୍. ଭୂମିଜଙ୍କର ବୋଲି ଜଣାପଡ଼ିଛି। ଏହି ଘଟଣାରେ ଦୋକାନରେ ରଖାଯାଇଥିବା ସମସ୍ତ ଷ୍ଟକ୍ ଏବଂ ଅନ୍ୟାନ୍ୟ ଜିନିଷପତ୍ର ପାଉଁଶ ହୋଇଯାଇଛି। ଯାହା ଫଳରେ ଏଥିରେ ପ୍ରଭାବିତ ଦୋକାନୀମାନେ ବହୁତ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଦୋକାନ ମାଲିକମାନେ ଏବେ ଅଗ୍ନିକାଣ୍ଡର ପରବର୍ତୀ ପରିସ୍ଥିତିର ମୁକାବିଲା କରିବାକୁ ସଂଘର୍ଷ କରୁଛନ୍ତି। ଅଗ୍ନିକାଣ୍ଡର ସଠିକ୍ କାରଣ ଏବଂ ଆର୍ଥିକ କ୍ଷତିର ପରିମାଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

# ସୁନ୍ଦରଗଡ଼ ଜିଲ୍ଲା ପତାଞ୍ଜଳି ଯୋଗ ପରିବାରର ସତସଙ୍ଗ ଅନୁଷ୍ଠିତ




ରାଉରକେଲା,୨୧/୯(ନି/ପ୍ର): ଆଜି ରାଉରକେଲାର ସେକ୍ଟର - ୧୯ ସ୍ଥିତ ଶ୍ରୀ ଶାରଳା ମନ୍ଦିର ପରିସରରେ ସୁନ୍ଦରଗଡ଼ ଜିଲ୍ଲା ପତଞ୍ଜଳି ଯୋଗ ପରିବାର ସତସଙ୍ଗ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଶ୍ରୀ ଅକ୍ରୁର ମାର୍ଥା ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ଯୋଗ ଓ ଯୋଗ ଦର୍ଶନ ର ଗୁଢ଼ତତ୍ତ୍ୱ ଉପରେ ଆଲୋକପାତ କରି ମାନବ ସମାଜକୁ ନିରୋଗ ଓ ସୁସ୍ଥ ରଖିବାପାଇଁ ଯୋଗ ଏକମାତ୍ର ମାର୍ଗ ବୋଲି କହିଥିଲେ । ଜିଲ୍ଲା ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିତମ୍ବିନୀ ସ୍ୱାଇଁ , ଜିଲ୍ଲା ବି. ଏସ. ଟି ପ୍ରଭାରୀ ନରେନ୍ଦ୍ର ବେହେରା, ଜିଲ୍ଲା ପି ୱାଇ ଏସ ପ୍ରଭାରୀ ପ୍ରଦୀପ୍ତ ସାହୁ, ଜିଲ୍ଲା କିଷାନ୍ ସେବା ସମିତି ପ୍ରଭାରୀ ପୀତବାସ ପ୍ରଧାନ, ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ, ଜିଲ୍ଲା ସୋସିଆଲ ମିଡିଆ ମହିଳା ପ୍ରଭାରୀ ଆରତୀ କର, ଜିଲ୍ଲା ବି ଏସ ଟି ମହାମନ୍ତ୍ରି ଆରତୀ ସାହୁ ତାଙ୍କ ବକ୍ତବ୍ୟରେ ଯୋଗର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିବା ସହିତ ଯୋଗକୁ ଜୀବନର ଏକ ମହାମନ୍ତ୍ର ରୂପେ କର୍ମ କରିବାକୁ ପରାମର୍ଶ ଦେଇଥିଲେ । ଏହି କେନ୍ଦ୍ରର ବରିଷ୍ଠ ଯୋଗ ଶିକ୍ଷୟିତ୍ରୀ ତଥା ପରିଚାଳିକା ଶ୍ରୀମତୀ କୁନ୍ତଳା ସା ଓ ତାଙ୍କ ସ୍ୱାମୀ ରମାକାନ୍ତ ସାଙ୍କ ଚାକିରିରୁ ଅବସର ପରେ ରାଉରକେଲାରୁ ତାଙ୍କ ଗ୍ରାମରେ ବସବାସ କରିବା ପାଇଁ ଯାଉଥିବାରୁ ଆଜି ଉଭୟଙ୍କୁ ସଂଗଠନ ତରଫରୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଇ ଥିଲା । ଏହିକେନ୍ଦ୍ର ତରଫରୁ ଓ ବିଭିନ୍ନ କେନ୍ଦ୍ର ତରଫରୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇ ଥିଲା । ଶ୍ରୀମତୀ କୁନ୍ତଳାଙ୍କୁ ସମସ୍ତେ ତାଙ୍କର ତ୍ୟାଗ ଓ ନିରନ୍ତର ପ୍ରୟାସ ପାଇଁ ଭୂୟସୀ ପ୍ରଶଂସା କରିଥିଲେ । ଜିଲ୍ଲା ମହିଳା ସଂଗଠନ ମନ୍ତ୍ରୀ ସନ୍ଧ୍ୟାରାଣୀ ସାହୁ କାର୍ଯ୍ୟକ୍ରମର ପରିଚାଳନା କରିବା ସହିତ ସଂଯୋଜନା କରିଥିଲେ ଏବଂ ଏହି କେନ୍ଦ୍ରର ସମସ୍ତ ସାଧିକା ଓ ମନ୍ଦିର କମିଟିର କାର୍ଯ୍ୟକର୍ତାମାନେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଯୋଗ ଶିକ୍ଷକ, ସାଧକ ସାଧିକା ଭାଇ ଓ ଭଉଣୀମାନେ ଉପସ୍ଥିତ ଥିଲେ ବୋଲି ଜିଲ୍ଲା ମିଡ଼ିଆ ପ୍ରଭାରୀ ଗଙ୍ଗାଧର ଦାଶ ଏକ ପ୍ରେସ ବିବୃତିରେ ଜଣାଇ ଛନ୍ତି ।

# ଦି ବିଲିଭର୍ସ ନାଟ୍ୟାନୁଷ୍ଠାନ ଦ୍ୱାରା ଭକ୍ତର ଭଗବାନ ମଚଂସ୍ଥ




ରାଉରକେଲା,୨୧/୯(ନି/ପ୍ର): ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ବଲଣ୍ଡା ମୁକ୍ତାକାଶ ରଙ୍ଗମଚଂରେରେ ବିଘ୍ନ ବିନାଶକ ଶ୍ରୀ ଗଣେଶଙ୍କ ପୂଜା ଓ ଗଣପର୍ବ ନୂଆଖାଇ ଉପଲକ୍ଷେ ଶ୍ରୀ ଜଗନ୍ନାଥଙ୍କ ଭକ୍ତି ରସାତ୍ମକ ନାଟକ ଭକ୍ତର ଭଗବାନ ଦି ବିଲିଭର୍ସ ନାଟ୍ୟାନୁଷ୍ଠାନ ଦ୍ୱାରା ପରିବେଷିତ ହୋଇଅଛି । ନାଟକର କଥାବସ୍ତୁଟି ଭକ୍ତର ଭାବରେ ଡୋରିରେ ବନ୍ଧା କଳା ଠାକୁର । ଭକ୍ତର ଭାବରେ ବନ୍ଧା ଜଗନ୍ନାଥ ନିଜର ଭକ୍ତମାନଙ୍କର ଗଭୀର ପରୀକ୍ଷା ନିଅନ୍ତି ପୁଣି ସେ ପରୀକ୍ଷାରେ ଉତୀର୍ଣ୍ଣ ମଧ୍ୟ କରାଇବାରେ ସହାୟକ ହୋଇଥାନ୍ତି । ଷୋଡ଼ଶ ଶତାବ୍ଦୀର ଆରମ୍ଭରେ କଳାପାହାଡ଼ ଶ୍ରୀମନ୍ଦିରକୁ ଆକ୍ରମଣ କରିଛି , ମନରେ ତାହାର ରହିଛି ଗଭୀର ରୋଷ, ପଣ୍ଡା ପଡିହାରୀ ଆଉ ବିଶେଷ କରି ଶ୍ରୀଜଗନ୍ନାଥଙ୍କ ଉପରେ । ତାହାର ପ୍ରତିଜ୍ଞା ଉତ୍କଳ କଳା ସ୍ଥାପତ୍ୟର ଘୋର କ୍ଷତି ସାଧନ କରିବା, ସେତେବେଳକୁ ଜଗନ୍ନାଥଙ୍କ କୃପାରୁ ବିଶର ମହାନ୍ତି ବ୍ରହ୍ମ ପଦାର୍ଥକୁ ଉଦ୍ଧାର କରିଛନ୍ତି, ସେ ବ୍ରହ୍ମ ପଦାର୍ଥ ତୁଳା ପରି ନରମ ନା ପଥର ପରି ଟାଣ ଏହିଭଳି କାହାଣୀ କୁ ନେଇ ନାଟକଟି ଗତିଶୀଳ ହୋଇଛି । ଏହି ନାଟକରେ କାହାଣୀ ବଦ୍ରି ମିଶ୍ର, ନାଟ୍ୟ ରୂପ ଓ ନିର୍ଦ୍ଦେଶକ ଚିନ୍ମୟ ତ୍ରିପାଠୀ, ସଂଗୀତ ସଂଯୋଜକ ଭାବେ ଦୀପକ କୁମାର ରାଉତ, ସହଯୋଗୀ ଲକ୍ଷ୍ମୀ ନାରାୟଣ ଦୋରା, ଚିତ୍ରାଳୟ ପ୍ରତ୍ୟୁଷ ପାଢୀ (ମୀରା ଚିତ୍ରାଳୟ) ଓ ବିଭିନ୍ନ ଚରିତ୍ରରେ ଚିନ୍ମୟ ତ୍ରିପାଠୀ, ପ୍ରତ୍ୟୁଷ ପାଢୀ, ଅକ୍ଷୟ ମାଝୀ,ରାଜେଶ ପ୍ରସାଦ,ଜର୍ଜ ବିଲୁଙ୍ଗ,ସୁଜଳ ଟପ୍ପୋ, ଆଶୀଷ ଅନୁରାଗ ଯାଦବ,ସାଗର ରଣା , ସୁଲିପ୍ତା ଜେନା, ବର୍ଷା ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ଅଭିନୟ ତଥା ମଚଂ ସଂଯୋଜନା କରିଥିଲେ ଜିତାମିତ୍ର ହୋତା, ଶଶାଙ୍କ ଶେଖର ଯାଦବ । ଏହି ଅବସରରେ ଅତିଥି ଭାବେ ଯୋଗଦେଇ ଥିବା ବିଜୟ ବିହାରୀ ହୋତା, ଦୋଳଗୋବିନ୍ଦ ରଥ, ଗଦାଧର କର, ସ୍ଥାନୀୟ ସରପଚଂ ଯୋଗେଶ୍ୱର ମିଞ୍ଜ ତଥା ନାଟ୍ୟରଥି ଡଃ ନିବେଦିତା ଜେନା, ପ୍ରଫୁଲ୍ଲ ଚନ୍ଦ୍ର ସେଠୀ , ଉମାକାନ୍ତ ବିଶୋଇ,ସୁରେନ୍ଦ୍ର ପାଢୀ, ଏବଂ ଯୁବ ସଙ୍ଗୀତ ସଂଯୋଜକ ପ୍ରମୋଦ ସାହୁ ଓ ଗୁଲାବ ଶର୍ମାଙ୍କୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଇଥିଲା । ମଚଂରେ ଶଶାଙ୍କ ଶେଖର ଯାଦବ,ଜିତାମିତ୍ର ହୋତା,ସାଗର ରଣା, ଆୟୁଷ ଦାଶ,ଅଭିଳାଷ ଭଏଁସା ଆଦି କର୍ମକତର୍ତାଙ୍କ ସହଯୋଗ ରେ କାର୍ଯ୍ୟକ୍ରମଟି ଶତାଧିକ ଦର୍ଶକଙ୍କ ଆଗରେ ମଚଂସ୍ଥ କରାଯାଇଥିଲା।

# ଉତରାଂଚଳ ରାଜସ୍ୱ ଆୟୁକ୍ତଙ୍କ ତଥା ନିର୍ବାଚନୀ ଭୋଟର ତାଲିକା ପର୍ଯ୍ୟବେକ୍ଷକଙ୍କ ସୁନ୍ଦରଗଡ଼ ଗସ୍ତ ଓ ଏସ ଆଇ ଆର୍ କାର୍ଯ୍ୟର ତଦାରଖ

ସୁନ୍ଦରଗଡ଼,୨୧/୯(ନି/ପ୍ର): ଉତରାଂଚଳ ରାଜସ୍ୱ ଆୟୁକ୍ତ ତଥା ନିର୍ବାଚନୀ ଭୋଟର ତାଲିକା ପର୍ଯ୍ୟବେକ୍ଷକ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସୁନ୍ଦରଗଡ଼ ଗସ୍ତ ଏବଂ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ ଆଇ ଆର୍ କାର୍ଯ୍ୟର ତଦାରଖ କରିଛନ୍ତି। ଜିଲ୍ଲା ରେ ଚାଲିଥିବା ଏସ ଆଇ ଆର୍ ପ୍ରକ୍ରିୟା ଶେଷ ପର୍ଯ୍ୟାୟ ରେ ପହଂଚିଛି। ଏହି ଅବସରରେ ଆୟୁକ୍ତ ଶ୍ରୀ ମହାପାତ୍ର ସୁନ୍ଦରଗଡ଼ ଗସ୍ତ କରି ଶେଷ ପର୍ଯ୍ୟାୟ ପ୍ରସ୍ତୁତି ଉପରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ସମୀକ୍ଷା କରିଛନ୍ତି। ଏହି ଅବସରରେ ଆୟୁକ୍ତ ଶ୍ରୀ ମହାପାତ୍ର ଚୂଡ଼ାନ୍ତ ତାଲିକା ପ୍ରସ୍ତୁତି ପୂର୍ବରୁ ସମସ୍ତ ଆପତି ଅଭିଯୋଗ ଗୁଡ଼ିକ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି କି ନାହିଁ, ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ନିମନ୍ତେ ସମସ୍ତ ବୁଥ୍, ସମସ୍ତ ପଞ୍ଜୀକରଣ କାର୍ଯ୍ୟାଳୟ, ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବସାଇଟ ଆଦି ରେ ବ୍ୟବସ୍ଥା କରାଯାଇଅଛି କି ନାହିଁ, ପ୍ରକାଶିତ ଚୂଡ଼ାନ୍ତ ଭୋଟର ତାଲିକାକୁ ରାଜନୈତିକ ଦଳ ଗୁଡିକୁ ପ୍ରଦାନ କରିବାକୁ ପ୍ରସ୍ତୁତି, ନୂତନ ଭୋଟର ମାନଙ୍କ ନିମନ୍ତେ ପ୍ରଦାନ କରାଯିବାକୁ ଥିବା ଭୋଟର କାର୍ଡ ଛପାଯାଇଛି କି ନାହିଁ ଆଦି ଉପରେ ସମୀକ୍ଷା କରିଥିଲେ। ସେହିଭଳି ଏହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣନିର୍ଭୁଲ, ସ୍ୱଚ୍ଛ ଓ ନିରପେକ୍ଷ ଭାବେ କାର୍ଯ୍ୟ କରିବା ଉପରେ ଆଲୋଚନା କରିଥିଲେ। ବୈଠକରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

# ଗଭୀର ଅବପାତ ମୁକାବିଲା ପାଇଁ ଗଞ୍ଜାମ ପ୍ରଶାସନ ପ୍ରସ୍ତୁତ :

## ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା, ୨୪ ଘଟାଂ ପାଇଁ କଳିଙ୍ଗା ଘାଟି ବନ୍ଦ



ଛତ୍ରପୁର,୨୧/୯(ନି/ପ୍ର): ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତକୁ ମୁକାବିଲା କରିବା ପାଇଁ ଗଞ୍ଜାମଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ମୁଖ୍ୟ ଶାସନ ସଚିବଙ୍କ ସହ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଗଭୀର ଅବପାତ ଯୋଗୁଁ ସମ୍ଭାବ୍ୟ ବର୍ଷା ଓ ପ୍ରତିକୂଳ ପାଗକୁ ଦୃଷ୍ଟିରେ ରଖି କନ୍ଧମାଳ ଜିଲ୍ଲା ଅନ୍ତର୍ଗତ କଳିଙ୍ଗା ଘାଟିରେ ସେପ୍ଟେମ୍ବର ୨୩ ତାରିଖରୁ ୨୪ ତାରିଖ ସକାଳ ପର୍ଯ୍ୟନ୍ତ ଯାତାୟାତ ବନ୍ଦ ରଖାଯିବ। କନ୍ଧମାଳ ଜିଲ୍ଲା ପ୍ରଶାସନ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ସୂଚନା ଦେଇଛନ୍ତି। ଏହି ସମୟରେ ଯାତ୍ରୀ ଓ ଯାନବାହନ ଚାଳକମାନେ ବିକଳ୍ପ ରାସ୍ତା ଦେଇ ଯାତାୟାତ କରିବାକୁ କୁହାଯାଇଛି। ସମ୍ଭାବ୍ୟ ବିପର୍ଯ୍ୟୟକୁ ମୁକାବିଲା ପାଇଁ ଜିଲ୍ଲାରେ ଥିବା ୧୧୦ଟି ବାତ୍ୟା ଆଶ୍ରୟସ୍ଥଳୀ ସହ ୧ ହଜାରରୁ ଅଧିକ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖାଯାଇଛି। ଏଥିସହ ଗଞ୍ଜାମରେ ୨ଟି ସ୍ୱତନ୍ତ୍ର ଓଡ୍ରାଫ୍ ଟିମ୍ ନିୟୋଜିତ ରହିଛନ୍ତି। ଗୋଟିଏ ଟିମ୍ ଭଞ୍ଜନଗରରେ ଏବଂ ଅନ୍ୟ ଟିମ୍ ଚିକିଟି-ପାତ୍ରପୁର ଅଚଂଳରେ ନିୟୋଜିତ ହୋଇଛି। ଜିଲ୍ଲାର ସମସ୍ତ ବିଭାଗ ଓ ଅଧିକାରୀଙ୍କୁ ସଜାଗ ରଖାଯାଇଥିବା ବେଳେ ପରିସ୍ଥିତି ଉପରେ ପ୍ରଶାସନ ପକ୍ଷରୁ ନିରନ୍ତର ନଜର ରଖାଯାଇଛି। ବର୍ଷା ସହ ବଜ୍ରପାତର ଆଶଙ୍କା ଥିବାରୁ ବିନା ଆବଶ୍ୟକତାରେ ଘରୁ ନବାହାରିବାକୁ ଜିଲ୍ଲାପାଳ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ବିଶେଷକରି ଆଗାମୀ ୩ରୁ ୪ ଦିନ ଚାଷୀମାନେ ଚାଷଜମିକୁ ନଯିବାକୁ କୁହାଯାଇଛି। ସମ୍ଭାବ୍ୟ ବନ୍ୟା ଓ ଜଳବନ୍ଦୀ ପରିସ୍ଥିତି ପାଇଁ ବିଭିନ୍ନ ସମ୍ବେଦନଶୀଳ ଅଚଂଳ ଚିହ୍ନଟ କରାଯାଇଛି।

# ସ୍ୱଚ୍ଛତା ଦିବସରେ ହରିଶଙ୍କର ପୀଠରେ ଡଷ୍ଟପିନ ସଚେତନତା

କେନ୍ଦ୍ରାପଡ଼ା,୨୧/୯(ନି/ପ୍ର):ବିଶ୍ୱ ସ୍ୱଚ୍ଛତା ଦିବସ। ଏହି ଦିବସରେ ଭିନ୍ନ ଭିନ୍ନ ସ୍ଥାନରେ ସେବା କାର୍ଯ୍ୟକ୍ରମ ହୋଇଥାଏ। ବଲାଙ୍ଗୀର ଜିଲ୍ଲାର ହରିଶଙ୍କର ପୀଠରେ ସର୍ବଦା ଭକ୍ତମାନଙ୍କର ଭିଡ଼ ଲାଗି ରହିଥାଏ। ଏହିପାଇଁ ଏହି ସ୍ଥାନକୁ ସଫା ରଖିବା ପାଇଁ ବିଭାଗର ଯତ୍ନ ରହିଛି କିନ୍ତୁ ଏଠାରେ କହି ରଖୁ କି ଏହି ସ୍ଥାନକୁ ଯିବାବେଳେ ସମ୍ମୁଖ ତୋରଣ ଠାରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ଗୋଟିଏ ବି ଡଷ୍ଟପିନ ରଖାଯାଇ ନାହିଁ ଯାହା ଆଲୋଚନାର ବିଷୟ। ଏହିପରି ଦୂରାବ୍ୟସ୍ଥାକୁ ଦେଖି କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତାମାନେ ଏହି ସମସ୍ୟାର ସମାଧାନ ପାଇଁ ଅଂଟା ଭିଡ଼ିଥିଲେ। ମନ୍ଦିରର ରାସ୍ତାର ଦୁଇ କଡ଼ରେ ଥିବା ଦୋକାନମାନଙ୍କରେ କିଛି କିଛି ଡଷ୍ଟପିନ ମାନ ରଖିଥିଲେ। ଯାତ୍ରୀମାନଙ୍କୁ ସଚେତନ କରିଥିଲେ ପ୍ଲାଷ୍ଟିକ ଓ ବର୍ଜ୍ୟବସ୍ତୁ ଏଣେତେଣେ ନପକାଇ ଡଷ୍ଟ ପିନରେ ପକାନ୍ତୁ। ଏହାସହ ମନ୍ଦିରର ସମ୍ମୁଖ ରାସ୍ତାକୁ ସଫେଇ ଟ୍ରଷ୍ଟ ପକ୍ଷରୁ କରାଯଇଥିଲା।

# ଆରଏସପିରେ ରାଜଭାଷା ପକ୍ଷପାଳନ ପାଳନ ଅବସରରେ ଆୟୋଜିତ ଅନଲାଇନ୍ କୁଇଜ୍ ପ୍ରତିଯୋଗିତାକୁ ବିପୁଳ ପ୍ରତିକ୍ରିୟା




ରାଉରକେଲା,୨୧/୯(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି) ରେ ରାଜଭାଷା ପକ୍ଷପାଳନ ଉତ୍ସବର ଏକ ଅଂଶ ସ୍ୱରୂପ ହିନ୍ଦୀ ସାହିତ୍ୟ, ସଙ୍ଗୀତ ଏବଂ ସିନେମା ଉପରେ ଆୟୋଜିତ ଏକ ଅନଲାଇନ୍ କୁଇଜ୍ ପ୍ରତିଯୋଗିତା କାରଖାନାର ବିଭିନ୍ନ ବିଭାଗର କର୍ମଚାରୀଙ୍କ ମଧ୍ୟରେ ଉତ୍ସାହଜନକ ପ୍ରତିକ୍ରିୟା ସୃଷ୍ଟି କରିଥିଲା। ସେପଟ୍ଟେମ୍ବର, ୧୯ ତାରିଖ ରେ ଗୋପବନ୍ଧୁ ଅଡିଟୋରିୟମରେ ଆୟୋଜିତ ଏହି ଅନଲାଇନ୍ କୁଇଜରେ ପ୍ରାୟ ୨୦୦ କର୍ମଚାରୀ ଲଗ୍-ଇନ୍ କରି ପ୍ରତିଯୋଗିତାକୁ ଜୀବନ୍ତ ଏବଂ ରୋଚକ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ (ଜନ ସଂପର୍କ) ଏବଂ ସଂଚାର ମୁଖ୍ୟ ଶ୍ରୀମତୀ ଅର୍ଚ୍ଚନା ସତପଥୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାପକ ଭାଗିଦାରୀ ଦେଖିବାକୁ ମିଳିଥିଲା, ଯାହା ସଂସ୍ଥାରେ ରାଜଭାଷାର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବାରେ କର୍ମଚାରୀଙ୍କ ଗଭୀର ଆଗ୍ରହକୁ ପ୍ରତିଫଳିତ କରିଥିଲା। ଉପ-ମହାପ୍ରବନ୍ଧକ (ପି ପି ସି) ଶ୍ରୀ କେ. କେ. ଜୈସୱାଲ ଏବଂ ଉପ-ମହାପ୍ରବନ୍ଧକ (ସି ଆଣ୍ଡ ଆଇ.ଟି) ଶ୍ରୀ ଭି. ପି. ଆର୍ଯ୍ୟ ଏହି କାର୍ଯ୍ୟକ୍ରମର କୁଇଜ୍ ମାଷ୍ଟର ଥିଲେ। ଉପ-ପ୍ରବନ୍ଧକ (ଜନ ସଂପର୍କ-ରାଜଭାଷା) ଶ୍ରୀ ଅନିଲ କୁମାର ଝା ଉପସ୍ଥିତ ପ୍ରତିଯୋଗୀଙ୍କୁ ସ୍ୱାଗତ କରିଥିଲେ ଏବଂ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଆର.ଏସ.ପି. ର ଜନସମ୍ପର୍କ ଏବଂ ରାଜଭାଷା ବିଭାଗ ରାଜଭାଷା ପକ୍ଷପାଳନ ପାଳନ ନିମନ୍ତେ ଅନେକ ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି। ଉଲ୍ଲେଖଯୋଗ୍ୟ ଯେ, ସେପଟ୍ଟେମ୍ବର ୧୪ ତାରିଖ ରେ ରାଜଭାଷା ସଂକଳ୍ପ ପାଳନ ସହିତ ଏହି ପକ୍ଷବ୍ୟାପୀ ଉତ୍ସବ ଏକାମ୍ର ଥିବାବେଳେ ପ୍ରତିଯୋଗିତାର ବିଜେତାମାନଙ୍କୁ ସେପଟ୍ଟେମ୍ବର ୨୯ ତାରିଖ ରେ ଗୋପବନ୍ଧୁ ଅଡିଟୋରିୟମରେ ଆୟୋଜିତ ହେବାକୁ ଥିବା ଭବ୍ୟ ରାଜଭାଷା ପକ୍ଷପାଳନ ସମାରୋହରେ ପୁରସ୍କୃତ/ସମ୍ବର୍ଦ୍ଧିତ କରାଯିବ।